Bhubaneswar- 10 June 2026
ଭୁବନେଶ୍ୱର- ୧୦ ଜୁନ୍ ୨୦୨୬
Vol- 1 Issue - 44
ଭାଗ- ୧ ସଂଖ୍ୟା- ୪୪
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

## ଦୀଘାରୁ ହଟିବ 'ଧାମ' ଶବ୍ଦ

- ହଟାଇବାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- କେବଳ ଲେଖା ହେବ ଶ୍ରୀ ଜଗନ୍ନାଥ ମନ୍ଦିର
- ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଚିଠିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ



**ପୁରୀ :** ଦୀଘାରୁ 'ଧାମ' ଶବ୍ଦ ହଟାଇବାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଦୀଘାରେ କେବଳ ଶ୍ରୀ ଜଗନ୍ନାଥ ମନ୍ଦିର ଲେଖା ହେବ। ଏ ନେଇ ତୁରନ୍ତ ପ୍ରକ୍ରିୟା କରିବାକୁ ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଚିଠି ହସ୍ତଗତ ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ । ଦୀଘାରୁ ଧାମ ଶବ୍ଦ ହଟିବା ନେଇ ପ୍ରସ୍ତୁତ ହେବ ଡ୍ରାଫ୍ଟ । ପୂର୍ବ ସରକାର ଧାମ ଶବ୍ଦ ଯୋଡ଼ିଥିଲେ, ଏହା ସନାତନ ଧର୍ମ ବିରୋଧୀ ଥିଲା ବୋଲି ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦ ହଟାଇବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଚିଠି ଲେଖିଥିଲେ। ଦୀଘା ମନ୍ଦିରକୁ 'ଦୀଘା ଜଗନ୍ନାଥ ଧାମ' ବଦଳରେ 'ଶ୍ରୀ ଜଗନ୍ନାଥ ମନ୍ଦିର, ଦିଘା' ଭାବେ ନାମିତ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ ଯେ, 'ଜଗନ୍ନାଥ ଧାମ' ଶବ୍ଦଟି କେବଳ ପୁରୀ ଶ୍ରୀକ୍ଷେତ୍ର ସହ ଓତପ୍ରୋତ ଭାବେ ଜଡ଼ିତ। ଯାହା ଭାରତର ପବିତ୍ର ଚାରିଧାମ ମଧ୍ୟରୁ ଅନ୍ୟତମ। ଏହି ନାମ ସହିତ କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଐତିହାସିକ ଭାବନା ଜଡ଼ିତ ରହିଛି। ଦୀଘା ମନ୍ଦିରକୁ 'ଧାମ' ଆଖ୍ୟା ଦିଆଯିବା ଦ୍ୱାରା ଓଡ଼ିଶା ତଥା ସାରା ବିଶ୍ୱରେ ଥିବା ଜଗନ୍ନାଥ ପ୍ରେମୀ, ଗବେଷକ ଏବଂ ସାମାଜିକ-ସାଂସ୍କୃତିକ ସଂଗଠନଗୁଡ଼ିକ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ କୋଲକାତାର ଦୀଘା ଠାରେ ବିଗତ ସରକାର ଅମଳରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ହୋଇଥିଲା । ଏଥିରେ ପଥର ଓ କାଠରେ ଦୁଇ ସେଟ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଥିଲେ । ଏହା ସହ ଜଗନ୍ନାଥ ଧାମ ଲେଖା ଯାଇ ଏହାର ବିରାଟ ବୋର୍ଡ ଲଗାଯାଇଥିଲା । ଏହାକୁ ନେଇ ଓଡ଼ିଶା ଓ କୋଲକାତାର ବିବାଦ ଲାଗିରହିଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଧାମ ଶବ୍ଦ ହଟାଇବା ପାଇଁ ଘୋଷଣା କରିଛନ୍ତି । ଯାହା ଫଳରେ ବିଶ୍ୱବ୍ୟାପୀ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି । ଦୀଘା ଜଗନ୍ନାଥ ଧାମ ଲେଖା ଯାଇଥିଲା । ଏହାକୁ ଶ୍ରୀଜଗନ୍ନାଥ ମନ୍ଦିର ଦୀଘା ଲେଖିବା ପାଇଁ ପରାମର୍ଶ ଦିଆଯାଇଛି ।




### ଦୁଇ ରାଜ୍ୟ ମଧ୍ୟରେ ଭାତୃଭାବ ଆହୁରି ମଜବୁତ ହେବ : ମୁଖ୍ୟମନ୍ତ୍ରୀ

ପଶ୍ଚିମବଙ୍ଗରେ ପୂର୍ବ ସରକାରଙ୍କ ସେହି ଦୂରଦୃଷ୍ଟିହୀନ ନୀତିକୁ ବଦଳାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦକୁ ପ୍ରତ୍ୟାହାର କରିବା ପାଇଁ ଏକ ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି। ବର୍ତ୍ତମାନ ଏହି ପରିସରକୁ 'ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ସାଂସ୍କୃତିକ କେନ୍ଦ୍ର'ଭାବେ ନାମିତ କରାଯିବ। ଏହି ନିଷ୍ପତ୍ତି ମହାପ୍ରଭୁଙ୍କ ସଂସ୍କୃତିର ଶାସ୍ତ୍ରୀୟ ମାନ୍ୟତାକୁ ସୁରକ୍ଷିତ ରଖିବା ସହ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଭାତୃଭାବ ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୋସିଆଲ ମିଡିଆ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ପଶ୍ଚିମବଙ୍ଗର ନୂତନ ସରକାରଙ୍କର ଏହି ତ୍ୱରିତ ଏବଂ ପରମ୍ପରା-ପ୍ରେମୀ ପଦକ୍ଷେପ ପାଇଁ ସମଗ୍ର ଓଡ଼ିଶାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱର ପ୍ରାଣବିନ୍ଦୁ ଏବଂ ଆମ ସାଂସ୍କୃତିକ ଆଧ୍ୟାତ୍ମିକ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ। ଶାସ୍ତ୍ରୀୟ ଓ ପୌରାଣିକ ମାନ୍ୟତା ଅନୁଯାୟୀ, ପବିତ୍ର ଶ୍ରୀକ୍ଷେତ୍ର ପୁରୀ ହିଁ ସନାତନ ଧର୍ମର ଅନନ୍ୟ ଏବଂ ଅଦ୍ୱିତୀୟ ଜଗନ୍ନାଥ ଧାମ'।

### ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆକ୍ସନ

## ଜଳସମ୍ପଦ ବିଭାଗର ୩ ଯନ୍ତ୍ରୀ ନିଲମ୍ବିତ

- ଦୁର୍ନୀତି ଓ ଅବହେଳା ଅଭିଯୋଗ
- ବିନା ଅନୁମତିରେ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ



**ବରଗଡ :** ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆକ୍ସନ। ଦୁର୍ନୀତି, କାର୍ଯ୍ୟରେ ଅବହେଳା ଅଭିଯୋଗରେ ବଡ଼ କାର୍ଯ୍ୟାନୁଷ୍ଠାନ । ନିଲମ୍ବିତ ହେଲେ ଜଳସମ୍ପଦ ବିଭାଗର ୩ ଯନ୍ତ୍ରୀ । ବରଗଡ଼ ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ମଦନ ମୋହନ ସେଠୀ, ଭେଡେନ ଜଳସେଚନ ସବ ଡିଭିଜନ ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜ କୁମାର ମିଶ୍ର, ବରଗଡ଼ କେନାଲ ସେକ୍ସନର ଆସିଷ୍ଟାଣ୍ଟ ଇଞ୍ଜିନିୟର ରଞ୍ଜନ ପଟେଲ ନିଲମ୍ବିତ । ଆର୍ଥିକ ଅନିୟମିତତା ଅଭିଯୋଗରେ ନିଲମ୍ବନ କଲା ଜଳସମ୍ପଦ ବିଭାଗ । ମୁଖ୍ୟତଃ ବରଗଡ଼ ଡିଷ୍ଟ୍ରିବ୍ୟୁଟାରୀ ଉପରେ ବାକ୍ସ କଣ୍ଡକ୍ଟ ନିର୍ମାଣ, ବରଗଡ଼ କେନାଲ ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ରେ ଅନିୟମିତତା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ମଦନ ମୋହନ ସେଠୀ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ କୁମାର ମିଶ୍ର ଓ ରଞ୍ଜନ ପଟେଲ ମହାନଦୀ ବେସିନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବରଗଡ଼ ସହର ଦେଇ ଯାଇଥିବା କେନାଲ ସମ୍ମୁଖ ଭାଗର ବିକାଶ (ଫେଜ-୧) ଏବଂ ବରଗଡ଼ ଡିଷ୍ଟ୍ରିବ୍ୟୁଟାରୀ ଉପରେ ବକ୍ସ କନଡ୍ୟୁଇଟ୍ (ବାକ୍ସ କଣ୍ଡକ୍ଟ) ନିର୍ମାଣ କାର୍ଯ୍ୟରେ ଏହି ଅଧିକାରୀମାନେ ଅବହେଳା କରିଥିବା ନେଇ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓ.ସି.ଏସ୍. ନିୟମ, ୧୯୬୨ର ଧାରା ୧୨(୧) ଅନୁଯାୟୀ ରାଜ୍ୟପାଳଙ୍କ ଆଦେଶକ୍ରମେ ଏହି ନିଲମ୍ବନ ଆଦେଶ ଜାରି ହୋଇଛି । ନିଲମ୍ବନ ସମୟରେ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ସେଠୀଙ୍କ ମୁଖ୍ୟାଳୟ ଭୁବନେଶ୍ୱର ସ୍ଥିତ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ କାର୍ଯ୍ୟାଳୟରେ ଏବଂ ଅନ୍ୟ ଦୁଇ ଯନ୍ତ୍ରୀଙ୍କ ମୁଖ୍ୟାଳୟ ବୁର୍ଲା ସ୍ଥିତ ମହାନଦୀ ବେସିନର ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ଥିର କରାଯାଇଛି । ବିନା ଅନୁମତିରେ ସେମାନଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଆତଙ୍କବାଦୀଙ୍କ ଦ୍ୱାରା ଛଅ ନିହତ

**ନୂଆଦିଲ୍ଲୀ:** ଉତ୍ତର-ପଶ୍ଚିମ ପାକିସ୍ତାନର ଏକ ଚେକ୍ ପଏଣ୍ଟ୍ ଉପରେ ହୋଇଥିବା ଆକ୍ରମଣ ରେ ତେହେରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ଆତଙ୍କବାଦୀମାନେ ଛଅ ଜଣ ଅର୍ଦ୍ଧସାମରିକ କର୍ମଚାରୀଙ୍କୁ ହତ୍ୟା କରିବା ସହ ଅନ୍ୟ ଆଠ ଜଣଙ୍କୁ ଅପହରଣ କରିଥିବା କଥା ମଙ୍ଗଳବାର ସୁରକ୍ଷା ଅଧିକାରୀମାନେ କହିଛନ୍ତି। ପାକିସ୍ତାନର ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି ଯେ, ସଶସ୍ତ୍ର ଆତଙ୍କବାଦୀଙ୍କ ଆକ୍ରମଣରେ ଫେଡେରାଲ୍ କନଷ୍ଟାବୁଲାରୀ (ଏଫ୍‌ସି)ର ଛଅ ଜଣ ସଦସ୍ୟ ସହିଦ ହୋଇଛନ୍ତି ଏବଂ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି । ଦ୍ୱିତୀୟ ସୂତ୍ରରୁ ପ୍ରକାଶ ଯେ, ଆତଙ୍କବାଦୀମାନେ ଆଠଜଣ ଏଫ୍‌ସି କର୍ମଚାରୀଙ୍କୁ ଅପହରଣ କରି ଏକ ଅଜ୍ଞାତ ସ୍ଥାନକୁ ନେଇଥିଲେ। ପାକିସ୍ତାନ ସେନା ତୁରନ୍ତ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଟିଟିପି ଏହାର ସୋସିଆଲ ମିଡିଆ ଚ୍ୟାନେଲରେ ଅପହରଣ କରିଥିବା ପୁରୁଷଙ୍କ ଏକ ଚିତ୍ର ପୋଷ୍ଟ କରି ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି।

## ବାଣ କାରଖାନାରେ ଅଗ୍ନିକାଣ୍ଡ; ଶିଶୁ ସମେତ ୭ ମୃତ

**ଜୟପୁର:** ରାଜସ୍ଥାନ ଜୟପୁରର କୋହ ନାଗୋରିଆନ ଥାନା ଅନ୍ତର୍ଗତ ଆୟଶା ନଗର ତଲାଇଠାରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ବେଆଇନ ବାଣ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଜଣେ ଶିଶୁ ସମେତ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହାସହ ବହୁ ସଂଖ୍ୟାରେ ଲୋକ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୫ ଜଣଙ୍କୁ ଅବଦୁଲ ଓ୍ୱାହିଦ୍ (୫୦), ବିଲାଲ (୩୦), ସମୀର (୨୦), ଅଜିମ ଏବଂ ରବିଲ ଭାବେ ଚିହ୍ନଟ କରାଯାଇଛି। ଅନ୍ୟ ଦୁଇ ଜଣଙ୍କ ମୃତଦେହ ଏପର୍ଯ୍ୟନ୍ତ ଚିହ୍ନଟ ହୋଇପାରି ନାହିଁ। ଆହତମାନଙ୍କୁ ଜୟପୁରର ଏସ୍ଏମ୍ଏସ୍ ମେଡିକାଲ ଏବଂ ଜେଏନ୍‌ୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ନାସିର ନାମକ ଜଣେ ବ୍ୟକ୍ତି ୯୫% ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସଂକୀର୍ଣ୍ଣ ଗଳି ଯୋଗୁଁ ନିଆଁ ଲିଭାଇବା ପ୍ରକ୍ରିୟାରେ ଅଗ୍ନିଶମ ବାହିନୀକୁ ବେଶ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀର ବାସିନ୍ଦା ଫିରୋଜ ଏବଂ ତାଙ୍କ ସହଯୋଗୀ ଓ୍ୱାସିମ ମିଶି ଯାକୁବ ନାମକ ଜଣେ ବ୍ୟକ୍ତିଙ୍କ ଘର ଭଡ଼ା ନେଇ ଏହି ବେଆଇନ ବାଣ କାରଖାନା ଚଳାଉଥିଲେ। କୋହ ନାଗୋରିଆନ ଥାନା ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତ ମାଲିକ ଓ ଘର ମାଲିକଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତ କରାଯାଉଛି। ଜନବସତି ଅଞ୍ଚଳରେ ଏଭଳି ବିପଜ୍ଜନକ ବାଣ ଗୋଦାମ କିପରି ଚାଲୁଥିଲା, ସେ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

## ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ

**ବରଗଡ:** ବରଗଡ଼ରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ ହୋଇଥିବା ବେଳେ ରାସ୍ତାରୋକ କରାଯାଇଛି। ଏଭଳି ଅଭିଯୋଗ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଉଠିଛି। ସୂଚନା ଅନୁସାରେ, ମୃତ ମହିଳାଙ୍କ ଘର ଭଟଲି ବ୍ଲକ୍ ଅନ୍ତର୍ଗତ ହାତୀସର୍ ଗାଁରେ। ସେ ଗତ ମେ ୧୩ ତାରିଖରେ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଚିକିତ୍ସାରେ ତ୍ରୁଟି ହେବାରୁ ତାଙ୍କ ସ୍ଥିତିରେ ଅବନତି ହୋଇ ଶେଷରେ ମୃତ୍ୟୁ ଘଟିଛି । ଏହି ଘଟଣା ପରେ ପରିବାର ଲୋକେ ଚିକିତ୍ସାଳୟ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଘଟଣାର ପ୍ରତିବାଦରେ ଆଜି ଗୋଶାଳା ଛକରେ ମୃତଦେହ ରଖି ଆନ୍ଦୋଳନ କରାଯାଇଛି। ଆନ୍ଦୋଳନକାରୀମାନେ ଦୋଷୀ ଡାକ୍ତର ଓ ହସ୍ପିଟାଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ଭିଜିଲାନ୍ସ ଜାଲରେ ବାହୁ-କୁସ୍ତି ପଦକ ବିଜେତା ରାଜା

### ୯ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ



**ଭୁବନେଶ୍ୱର:** ଫାର୍ମାସି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଜଣେ ଆବେଦନକାରୀଙ୍କଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ଫାର୍ମାସି କାଉନସିଲ୍‌ର ବରିଷ୍ଠ ସହାୟକ (ସିନିୟର ଆସିଷ୍ଟାଣ୍ଟ) ବିଶ୍ୱମୋହନ ପଟ୍ଟନାୟକ ଓରଫ ରାଜା ଓ ତାଙ୍କ ସହଯୋଗୀ ମହମ୍ମଦ ଇଜାଜ ଖାନ ଓରଫ ପୃଷ୍ଟି (ସରକାରୀ ଚାକିରିଆ ନୁହନ୍ତି)ଙ୍କୁ ମଙ୍ଗଳବାର ଗିରଫ କରିଛି ଭିଜିଲାନସ୍। ସୂଚନାଯୋଗ୍ୟ, ବିଶ୍ୱମୋହନ ପଟ୍ଟନାୟକ ବାହୁ-କୁସ୍ତିରେ ଦେଶ ଓ ରାଜ୍ୟ ପାଇଁ ପଦକ ଜିତିଛନ୍ତି। ଫାର୍ମାସି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ଆବେଦନକାରୀ ସପ୍ତାହେ ହେଲାଣି ସିନିୟର ଆସିଷ୍ଟାଣ୍ଟ ବିଶ୍ୱମୋହନ ପଟ୍ଟନାୟକଙ୍କୁ ଅନୁରୋଧ କରି ଆସୁଥିଲେ। କିନ୍ତୁ କାମ କରି ଦେବା ପାଇଁ ଶ୍ରୀ ପଟ୍ଟନାୟକ ତାଙ୍କୁ ୯ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଜି ଆବେଦନକାରୀ ଭୁବନେଶ୍ୱରସ୍ଥିତ ଓଡ଼ିଶା ଫାର୍ମାସି କାଉନସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିଶ୍ୱମୋହନ ପଟ୍ଟନାୟକଙ୍କୁ ଭେଟିଥିବା ବେଳେ ସେ ପୁନର୍ବାର ଲାଞ୍ଚ ଦାବି କରି ତାଙ୍କ ସହଯୋଗୀ ଇଜାଜ ଖାନଙ୍କୁ ଟଙ୍କା ଦେବାକୁ କହିଥିଲେ। ଏହା ପରେ ଘଟଣା ସଂପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ ଆବେଦନକାରୀ। ଯୋଜନା ପ୍ରକାରେ ଆବେଦନକାରୀ ମହମ୍ମଦ ଇଜାଜ ଖାନ ଓରଫ ପୃଷ୍ଟିଙ୍କ ଜରିଆରେ ଶ୍ରୀ ପଟ୍ଟନାୟକଙ୍କୁ ଲାଞ୍ଚ ଅର୍ଥ ଦେଇଥିଲେ। ଆଉ ସେହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ସେମାନଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ (୯୦୦୦ ଟଙ୍କା) ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ବିଶ୍ୱମୋହନ ପଟ୍ଟନାୟକଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି।

## ଗୃହରକ୍ଷୀଙ୍କ ବଢ଼ିଲା ଦୈନିକ ଭତ୍ତା | ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି

### ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ରୁ ପିଛିଲା ଭାବେ ଲାଗୁ ହେବ

**ଭୁବନେଶ୍ୱର :** ରାଜ୍ୟର ଗୃହରକ୍ଷୀ ବା ହୋମଗାର୍ଡ ମାନଙ୍କ ପାଇଁ ଏକ ଖୁସି ଖବର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ବୃଦ୍ଧି କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ଏହି ଜନହିତକର ପଦକ୍ଷେପ ଫଳରେ ଏବେ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ ଭତ୍ତା ଚଳିତ ବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀ ୧ ତାରିଖରୁ ପିଛିଲା ଭାବେ ଲାଗୁ ହେବ ବୋଲି ସୂଚନା ଦିଆଯାଇଛି । ଗୃହରକ୍ଷୀମାନଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ସରକାର ନିୟମିତ ବ୍ୟବଧାନରେ ଏହି ଭତ୍ତା ବୃଦ୍ଧି କରିଆସୁଛନ୍ତି । ପୂର୍ବରୁ ୨୦୨୫ ଜୁଲାଇ ପହିଲାରେ ସେମାନଙ୍କ ଦୈନିକ ଭତ୍ତା ୬୨୩ ଟଙ୍କାରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଇତିମଧ୍ୟରେ ରାଜ୍ୟ ସରକାର ନିଜର ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି, ଯାହାକି ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହୋଇଛି । ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ଏବଂ ସାମ୍ପ୍ରତିକ ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଗୃହରକ୍ଷୀମାନଙ୍କ ଭତ୍ତା ବଢ଼ାଇବାକୁ ଉଚିତ ମଣିଥିଲେ । ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦିନରାତି ନିୟୋଜିତ ରହୁଥିବା ଗୃହରକ୍ଷୀମାନଙ୍କର ନିଷ୍ଠାପର ସେବାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଆର୍ଥିକ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟର ହଜାର ହଜାର ଗୃହରକ୍ଷୀ ଉପକୃତ ହେବେ । ସରକାରଙ୍କ ଏହି ସହାନୁଭୂତିପୂର୍ଣ୍ଣ ପଦକ୍ଷେପକୁ ଗୃହରକ୍ଷୀ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ଟ୍ରକ୍ ଧକ୍କାରେ ମା-ଝିଅ ମୃତ

**ବଲାଙ୍ଗୀର :** ଟ୍ରକ ଚକା ତଳେ ଆଜି ସକାଳୁ ମା ଝିଅ ଙ୍କ ଘଟଣାସ୍ଥଳରେ ହିଁ ଜୀବନ ଚାଲି ଗଲା। ସହର ର ୧୧ ଗୋଟି ବନ୍ଧ ଜଳାଶୟ ଗୁଡିକର ପଙ୍କ ମାଟି କୋଡା ଯାଇ ଟ୍ରକ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତରଣ କରା ଯାଉଛି। ସ୍ଥାନାନ୍ତରଣ ବେଳେ ସହର ଭିତରେ ରାସ୍ତାରେ ମାଟି ପଙ୍କ ପକାଇ ଏହି ଟ୍ରକ ସବୁ ଯାଉଛି ଏଥି ଯୋଗୁଁ ଧୂଳି ପ୍ରଦୂଷଣ ହେବା ସହ ବର୍ଷା ପାଣି ପଡି ରାସ୍ତା କାଦୁଅ ପଚପଚ ହେଉଛି। ଏପରି କାଦୁଅ ପଚପଚ ରାସ୍ତାରେ ଅସାବଧାନତା ବଶତଃ ଆଜି ଦୁଇ ଜଣଙ୍କ ଜୀବନ ଚାଲି ଯାଇଛି। ଏପରି କିଛି ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ସହରରେ। ମଙ୍ଗଳବାର ସକାଳ ପ୍ରାୟ ୬ ଟା ୩୦ ମିନିଟି ସମୟରେ ତାଲପାଲି ପଡ଼ାର ମାଆ ସୁନୀତା ନାଗ ଓ ଝିଅ ସ୍ମୃତି ନାଗ ତାଙ୍କ ସ୍କୁଟିରେ ମା କୁ ଡିୟୁଟି ପାଇଁ ଏକ ଘରୋଇ ହସ୍ପିଟାଲ କୁ ନେଇ ଯାଉ ଥିବା ବେଳେ ଗାନ୍ଧୀନଗର ପଡା ପିଚୁ ହୋଟେଲ ଆଗରେ ତାଙ୍କୁ ଏକ ଟ୍ରକ୍ ମାଡ଼ି ଯିବାରୁ ମାଆ ଝିଅ ଦୁହେଁ ଟ୍ରକ ଚକା ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ଘଟଣାସ୍ଥଳ ରୁ ଟ୍ରକ ଚାଳକ ଫେରାର ମାରିଛି। ବ୍ୟସ୍ତବହୁଳ ବଲାଙ୍ଗୀର ସମ୍ବଲପୁର ରାସ୍ତା(ଏନ୍ ଏଚ୍ ୨୬)ର ଗାନ୍ଧୀନଗରପଡା ଠାରେ ଏପରି ଘଟଣା ଘଟିଛି ଯାହା ସମସ୍ତଙ୍କୁ ମର୍ମାହତ କରିଛି। ବଲାଙ୍ଗୀର ମୁନିସିପାଲିଟି ଜଳାଶୟ ଗୁଡିକର ପଙ୍କୋଦ୍ଧାର କାମ ରେ ରାସ୍ତାକୁ ମାଟି କାଦୁଅରେ ଭର୍ତି କରିଦେବା ଯୋଗୁଁ ଗତ କିଛି ଦିନ ହେଲା ବଲାଙ୍ଗୀର ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳାଶୟ ଗୁଡିକର ପୁନଃରୁଦ୍ଧାର ହେଉ କିନ୍ତୁ ତା ସଂଗେ ସଂଗେ ସହର ଭିତରେ ପ୍ରଦୂଷଣ ଓ ଲୋକଙ୍କ ଜୀବନ ଜୀବିକା ପ୍ରତି ମଧ ଦୃଷ୍ଟି ଦେବା ପ୍ରଶାସନ ର ଦାୟିତ୍ୱ ଅଟେ।

### ୫୦ ତମ ଦିବସରେ ରଥଖଳା ହାଲ୍‌ଚାଲ୍

## ଚଉଦ ନାହାକା ବୁଲିବା ସହ ପ୍ରଥମ ଭୂଇଁ

- ଛଅ କାଠିରେ ପାଖୁଡା ସଂଯୋଗ
- ଶେଷ ହୋଇଛି ତିନିରଥ ଚାରି ନାହାକା ର ଝାଙ୍କ ସଳଖା କାର୍ଯ୍ୟ
- ତିନିରଥର ପୋଟଳ କଣ୍ଟା ସହ ଦ୍ୱିତୀୟ ଭୂଇଁ କଣ୍ଟା ନିର୍ମାଣ ଜାରି



**ପୁରୀ:** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥଖଳାରେ ତିନିରଥ ର ନିର୍ମାଣ କାର୍ଯ୍ୟ ଜୋରସୋର ରେ ଆଗେଇ ଚାଲିଛି । ରଥ ନିର୍ମାଣର ୫୦ ତମ ଦିବସରେ ମଙ୍ଗଳବାର ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ଚଉଦ ନାହାକା ବୁଲିବା ସହ ପ୍ରଥମ ଭୂଇଁ ଛଅ କାଠିରେ ପାଖୁଡା ସଂଯୋଗ ଜାରି ରହିଛି । ରଥ ଚାଳିରେ ତିନିରଥ ର ପ୍ରଥମ ଭୂଇଁ ଫ୍ରେମ୍ ପ୍ରସ୍ତୁତି ଶେଷ ହେବାସହ ଭୂଇଁ ଫ୍ରେମ୍ ର ବିଭିନ୍ନ ଅଂଶ ଦୁଡ଼ିକରେ ନମ୍ବରିଙ୍ଗ କାର୍ଯ୍ୟ ଶେଷ ହୋଇଥିଲା । ଏଥିସହ ବାକି ରହିଯାଇଥିବା ଯୋକା ଗୁଡ଼ିକର ତିନିରଥରେ ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଥିଲା। ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ଖୋଲାଯିବା ପରେ ମହାରଣା ସେବକ ମାନେ ଭୋଇ ସେବକଙ୍କ ସହଯୋଗରେ ତିନିରଥର ଚାରି ନାହାକା ରେ ପ୍ରଥମ ଭୂଇଁ ର ଚଉତା ବା ଛ ' କାଠି ସେଟିଙ୍ଗ ବା ସଂଯୋଗ ହୋଇଅଛି । ପ୍ରଥମ ଭୂଇଁ ର ଏହି ଛ ' କାଠି ବା ଓରା ରେ ୪ ଗୋଟି ଖମ୍ବୀ ସଂଯୋଗ ହୋଇ ଚାରି ପାର୍ଶ୍ୱରେ ୨୪ ଟି ପାଖୁଡ଼ା ଏବଂ ୧୬ ଟି ଛିଆଣ, ପାଖୁଡାକୁ ଧରିରଖିବା ପାଇଁ ୨୪ ଟି ଭୂଇଁ ଖମ୍ବୀ ଚାରି ପାର୍ଶ୍ୱରେ ସଂଯୋଗ ହେବ। ସେଥିପାଇଁ ତାର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତାକାଲି ତିନିରଥର ୧୪ ନାହାକା ବୁଲିବା ପରେ ପ୍ରଥମ ଭୂଇଁ ର ବାକି ଅଂଶ ସଂଯୋଗ ହେବ । ମହାରଣା ସେବକ ମାନଙ୍କୁ ୪ ଫୁଟ ଲମ୍ବର ନଡ଼ିଆ ଗର ବା ଖଦି ଓରା ଯୋଗାଇ ଦିଆଯିବା ପରେ ମହାରଣା ସେବକ ମାନେ ସେହି ନଡ଼ିଆ ଗରର ଉଭୟ ପାର୍ଶ୍ୱକୁ ଚିତା ବା ବାରିଦିରେ ହାଣି ସମତଳ କରି ଭୋଇ ସେବକଙ୍କ ସହାୟତାରେ ତିନିରଥ ଦଣ୍ଡା ପକାଇଲାପରେ ତାର ବିନ୍ଧ କାପ କରାଯାଇ ସେଟିଂ କଲାପରେ, ୧୪ ନାହାକା ବୁଲିବା ସହ ପ୍ରଥମ ଭୂଇଁ ଛ' କାଠିରେ ପାଖୁଡ଼ା ସଂଯୋଗ ହେବ। ଶେଷ ହୋଇଛି ତିନିରଥ ଚାରି ନାହାକା ର ଝାଙ୍କ ସଳଖା କାର୍ଯ୍ୟ। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ସାଥୀ ଭୋଇ ସେବକ ମାନେ ମିଶି ତିନିରଥ ର ଚାରି ନାହାକା ର ଝାଂକ ସଳଖା କାର୍ଯ୍ୟ ଶେଷ କରିଛନ୍ତି । ତିନିରଥ ପାଞ୍ଚ ଦଣ୍ଡା ଗରଗରା ରେ ସଂଯୋଗ ହୋଇଥିବା ଚାରି ନାହାକା କୁ ସିଧା କରି ରଖିବା ପାଇଁ ସେଥିରେ ଖିଲ ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି । ଆଜି ତିନିରଥର ମୁଖ୍ୟ ମହାରଣା ତଥା ସହଯୋଗୀ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ଆରମ୍ଭ ହୋଇଛି ତିନିରଥର ମାଝୀ ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ୍ ନିର୍ମାଣ କାର୍ଯ୍ୟ। ରୂପକାର ସେବକ ମାନେ ତିନିରଥର ୮ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ସହ ଆଜି ଆରମ୍ଭ କରିଛନ୍ତି ତିନିରଥର ଚାର ପରିଛାରେ ଚିତ୍ର ଖୋଦେଇ କାର୍ଯ୍ୟ। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଭୂଇଁ ନିର୍ମାଣ ପାଇଁ ଚଣାକ କଣ୍ଟା ,ପ୍ରଥମ ଭୂଇଁ କଣ୍ଟା ନିର୍ମାଣ ଶେଷ କରି ତିନିରଥର ପୋଟଳ କଣ୍ଟା ସହ ଦ୍ୱିତୀୟ ଭୂଇଁ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୬ ଜଣ, ଭୋଇ ସେବକ ୭୭ ଜଣ, ରୂପକାର ସେବକ ୨୧ଜଣ, ଓଝା କମାର ସେବକ ୨୦ଜଣ, କରତୀ ସେବକ ୪ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ ,ରଥଖଳା ସହାୟକ ୧ଜଣ ମୋଟ ୨୦୩ ଜଣ ତିନିରଥର ନିର୍ମାଣକାରୀ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟର ନିମଗ୍ନ ରହିଛନ୍ତି ।

## ରଥ ସେବକଙ୍କ ହୃଦଘାତରେ ମୃତ୍ୟୁ

ଅକ୍ଷୟ ତୃତୀୟା ଠାରୁ ରଥଖଳାରେ ରଥନିର୍ମାଣ ନିମନ୍ତେ ରଥ ସେବକ ମାନେ କାର୍ଯ୍ୟ କରୁଛନ୍ତି । ଭୋଇ ସେବକ ଭାବେ ଦେବା ଭୋଇ ବଡଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ନିୟୋଜିତ ହୋଇଥିଲେ । ମଙ୍ଗଳବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ପୁରୀଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ସେଠାରେ ଡ଼ାକ୍ତର ଚିକିତ୍ସା କରିବା ପରେ ରୋଗୀ ଗୁରୁତର ଥିବାରୁ ତାଙ୍କୁ ରେଫର କରିଥିଲେ । ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ଚିକିତ୍ସା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ରଥଖଳା ପରିଦର୍ଶନ କରି ଶୋକ ପ୍ରକାଶ କରିଥିଲେ । ତାଙ୍କ ପରିବାରଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱସନା ଦେଇଥିଲେ । ରଥଖଳାରେ ସେ ଠିକ ସମୟରେ ଆସି କାର୍ଯ୍ୟ କରୁଥିଲେ । ଭୋଇ ସେବକ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

## ସମ୍ପାଦକୀୟ

# ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ

କେଉଁଠି ନା କେଉଁଠି କିଛି ନା କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ଏବଂ ପରେ ପରେ ସେ ସବୁ ତ୍ରୁଟିର ସମୟାନୁସାରେ ସଂଶୋଧନ ନ ହେବା ଯାହା ଫଳରେ ପରବର୍ତ୍ତୀ ସମୟରେ ଏକ ବଡ଼ ଧରଣର ତ୍ରୁଟି ବିଚ୍ୟୁତି ହେବାର ଆଶଙ୍କା ସୃଷ୍ଟି ହୁଏ। ଯାହାକୁ ସଜାଡ଼ିବା ପାଇଁ, ଯାହାକୁ ସୁଧାରିବା ପାଇଁ ସଂପୃକ୍ତ ସଙ୍ଗଠନ ଅବା ଅନୁଷ୍ଠାନ ପକ୍ଷରୁ ଯାହା ବି ପଦକ୍ଷେପ ନିଆଯାଏ, ତାହା ଯେ ସମ୍ପୂର୍ଣ୍ଣ ନିର୍ଭୁଲ ଅବା ନିରପେକ୍ଷ ହେବ, ସେମିତି କେବେ ବି କହିହେବନି। କାରଣ କୌଣସି ବି ତ୍ରୁଟି ବିଚ୍ୟୁତି କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ହିଁ ସଂଶୋଧନ କରାଯାଏ, ପରେ ନୁହେଁ। ନଚେତ୍ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ବୃଦ୍ଧି ପାଇବ ଆଉ ସମସ୍ୟା ସୃଷ୍ଟି ହେଲାପରେ ସମାଧାନ କମ୍ କିନ୍ତୁ ହୋ ହାଲ୍ଲା ଅଧିକ । ଏଇ ଯେମିତି ଏବେ ହୋ ହାଲ୍ଲା ଚାଲିଛି ଏନଇଇଟି-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଯାହାକୁ ନେଇ ସାରା ଭାରତରେ ଏବେ ଶୈକ୍ଷିକ ମାହୋଲ୍ ବେଶ୍ ସରଗରମ ହୋଇଛି। ଶିକ୍ଷା ବ୍ୟବସ୍ଥାରେ ଯଦି ଏପରି ତ୍ରୁଟି ପରିଲକ୍ଷିତ ହେଉଛି ଅବା ହୋଇପାରୁଛି, ତେବେ ଏଥିରୁ ବ୍ୟବସ୍ଥା ଯେ କେତେ ଅବ୍ୟବସ୍ଥିତ, ତାହା ଜଳଜଳ ଦିଶୁଛି। ତେବେ ଏନ ଇ ଇ ଟି ପରୀକ୍ଷାରେ ଏଭଳି ତ୍ରୁଟି ବିଚ୍ୟୁତି ଭାରତରେ ପ୍ରଥମ ଘଟଣା ନୁହେଁ , ୨୦୨୬ ପୂର୍ବରୁ ୨୦୨୪ ମେ ମାସରେ ସର୍ବଭାରତୀୟ ସ୍ତରରେ ଆୟୋଜିତ ହୋଇଥିବା ନିଟ୍-ୟୁଜି ପରୀକ୍ଷାରେ ମଧ୍ୟ ଏଭଳି ଅନିୟମିତତା ପରିଲକ୍ଷିତ ହୋଇଥିଲା। ଯେଉଁଥିରେ ପ୍ରାୟ ୨୪ ଲକ୍ଷ ଆଶାୟୀ ସେବର୍ଷ ନିଜ ନାମ ପଞ୍ଜୀକୃତ କରିଥିଲେ। ତେବେ ଝାଡ଼ଖଣ୍ଡର ହଜାରିବାଗ୍ ସ୍ଥିତ ଓଏସିସ୍ ସ୍କୁଲ୍‌ରୁ ପ୍ରାଥମିକ ସ୍ତରରେ ପେପର ଲିକ୍ ପରେ ପରୀକ୍ଷା ପରିଚାଳନାରେ ତ୍ରୁଟି ବିଚ୍ୟୁତି ଦର୍ଶାଇ ମାମଲା ସୁପ୍ରିମ୍ କୋର୍ଟକୁ ଯିବା ପରେ ସୁପ୍ରିମ୍ କୋର୍ଟ କିନ୍ତୁ ପରୀକ୍ଷା ବାତିଲ୍ ନେଇ ସେମିତି କିଛି ଖାସ୍ କାରଣ ଖୋଜି ପାଇନଥିଲେ। ଯେଉଁ କାରଣରୁ ପରୀକ୍ଷାକୁ ସମ୍ପୂର୍ଣ୍ଣ ଭାବେ ବାତିଲ୍ କରିବା ପଛରେ ସେମିତି କିଛି ବିଶେଷ ଯୁକ୍ତି ପାଇନଥିଲେ ସୁପ୍ରିମ୍ କୋର୍ଟ। ତେବେ ୨୪ର ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ମାମଲା ମନରୁ ନଲିଭୁଣୁ ଚଳିତ ବର୍ଷର ନିଟ୍ ୟୁଜି ପରୀକ୍ଷାରେ ପୁନଃ ପେପର ଲିକ୍ ମାମଲା କୋର୍ଟରେ ପହଞ୍ଚିବା ସୁପ୍ରିମ୍ କୋର୍ଟଙ୍କୁ ଅତ୍ୟନ୍ତ ବ୍ୟଥିତ କରିଛି ଯାହାପରେ ଭାରତର ସର୍ବୋଚ୍ଚ ଅଦାଲତ୍ ନିଜର ଅଭିବ୍ୟକ୍ତିରେ ଏନ୍‌ଇଇଟି କର୍ତ୍ତୃପକ୍ଷଙ୍କୁ କିଛି ଏହିଭଳି ନୈତିକ ବାର୍ତ୍ତା ଦେଇଛନ୍ତି। ସୁପ୍ରିମ୍ କୋର୍ଟ ତାଙ୍କ ବାର୍ତ୍ତାରେ ଏନ୍‌ଇଇଟି କର୍ତ୍ତୃପକ୍ଷଙ୍କୁ ତୀବ୍ର ଭର୍ତ୍ସନା କରିବା ସହ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଅବହେଳା କାରଣରୁ ସର୍ବଭାରତୀୟସ୍ତରୀୟ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଦେଶର ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଆଶା ଆକାଂକ୍ଷା ଯେ ଧୂଳିସାତ୍ ହୋଇଯାଉଛି, ଯହାକୁ ଅତ୍ୟନ୍ତ ଗୁରୁତର ସହ ବିଚାର କରିବା ଉଚିତ। ଏଣୁ ଦେଶର ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ କ୍ୟାରିୟର ସହିତ ଏପରି ଖେଳିବାର ଏନଟିଏ କର୍ତ୍ତୃପକ୍ଷଙ୍କର କୌଣସି ଅଧିକାର ନାହିଁ। ଯାହା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ,ଏଣୁ ଅକ୍ଷମଣୀୟ । ସୁପ୍ରିମ୍ କୋର୍ଟ ଆହୁରି ତାଙ୍କ ମନ୍ତବ୍ୟରେ ଏପରି କହିଛନ୍ତି ଯେ କେନ୍ଦ୍ର ଲୋକସେବା ଆୟୋଗ ଦ୍ୱାରା ପ୍ରତିବର୍ଷ ଆୟୋଜନ କରାଯାଉଥିବା ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନ୍ ପରୀକ୍ଷା ଯାହା କି ଏଯାବତ୍ ଅତି ଶୃଙ୍ଖଳିତ ଭାବରେ ଚାଲିଛି, ଏଯାବତ୍ ବି ଠିକଠାକ୍ ଚାଲିଛି ଯାହାକି କୌଣସି ବି ଶୈକ୍ଷିକ ସଙ୍ଗଠନ ପାଇଁ ନିଶ୍ଚିତରୂପେ ଶିକ୍ଷଣୀୟ ବିଷୟ। ସୁପ୍ରିମ୍ କୋର୍ଟ ଜଜ୍ ପି ଏସ୍ ନରସିଂହା ଏବଂ ଆଲୋକ ଆରାଧେଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଏନଟିଏକୁ ଏଭଳି କିଛି ନୈତିକ ବାର୍ତ୍ତା ଦେଇଛନ୍ତି। ଏଣୁ ଏନଟିଏ ମଧ୍ୟ ୟୁପିଏସସି ଠାରୁ କିଛି ଶିଖିବା ଉଚିତ। ତେବେ ସବୁଠାରୁ ବଡ଼ କଥା ଏବଂ ବିଶେଷ କଥା ହେଲା ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ଏନଟିଏ ଦ୍ୱାରା ହେବାକୁ ଯାଉଥିବା ପରୀକ୍ଷାର ପୁନଃ ଆୟୋଜନ ଏବଂ ତା'ର ପ୍ରସ୍ତୁତି ଉପରେ ନିଜେ ସ୍ୱତନ୍ତ୍ର ନଜର ରଖିଥିବା କେନ୍ଦ୍ରୀୟ ସଲିସିଟର ଜେନେରାଲ୍‌ଙ୍କ ପକ୍ଷରୁ ଏଭଳି ମତ ପ୍ରକାଶ ପାଇବା ପରେ ସମସ୍ତଙ୍କର ନଜର ଏବେ ବ୍ୟବସ୍ଥା ଉପରେ । ଏହା ସତ୍ତ୍ୱେ ଏନଟିଏ ସଂସ୍କାର ସମ୍ବନ୍ଧରେ ନିଜର କିଛି ସ୍ୱତନ୍ତ୍ର ମତ ଉପସ୍ଥାପନ କରିଛନ୍ତି ଇସ୍ରୋର ପୂର୍ବତନ ଅଧକ୍ଷ ଡ. କେ ରାଧାକୃଷ୍ଣନ।

# ସୁଲତାନଙ୍କ ଉଦ୍ୟାନପ୍ରୀତି

ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ସମସ୍ତଙ୍କ କ୍ଷେତ୍ରରେ କଟକଣା ରହିଛି, ସମସ୍ତଙ୍କ କ୍ଷେତ୍ରରେ ନିୟମ କାନୁନ୍ ରହିଛି। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା। ବାଟରେ ମଧ୍ୟାହ୍ନ ଭୋଜନ ସମୟରେ ଗୋଟିଏ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ବାଟରେ ଅଟକିଯାଇଥିଲେ ଏବଂ ସେହି ସମୟରେ ବିଶ୍ରାମ ନେବାବେଳେ ସୁଲ୍‌ତାନଙ୍କ ଆଖିରେ ନିଦ ଲାଗିଯାଇଥିଲା। ଉଠିଲା ବେଳକୁ ଦେଖିଲେ ଯେ ତାଙ୍କର ପ୍ରିୟ ଘୋଡ଼ାଟି ନାହିଁ। ରାଗରେ ଚୋରକୁ ଧରିବା ପାଇଁ କଡ଼ା ଆଦେଶ ଦେଇ ବୁଲା ବନ୍ଦକରି ସେ ବାହାରିଲେ ନିଜ ଉଆସ ଅଭିମୁଖେ। ବାଟରେ ଜଗୁଆଳ କିନ୍ତୁ ସୁଲତାନଙ୍କୁ ସତ କହିଲା ଯେ ଚୋର ତା' କାମରେ ସଫଳ ହୋଇଛି ହେଲେ ମୁ ମୋ କାମରେ ବିଫଳ ହୋଇଛି। ଉଦ୍ୟାନରେ ଖାଇପିଇ ସମସ୍ତେ ବିଶ୍ରାମ ନେଉଥିଲାବେଳେ ମୁ ବି ଟିକେ ବିଶ୍ରାମ ନେଇଗଲି। ତା'ର ସୁଯୋଗ ନେଇ ଚୋର ନେଇଗଲା ଘୋଡ଼ାଟି। ଜଗୁଆଳ ମୁହଁରୁ ଏପରି କଥା ଶୁଣି ସୁଲ୍‌ତାନଙ୍କ ରାଗ ଆହୁରି ବଢ଼ିଗଲା। ଜଗୁଆଳକୁ ସେ କିଛି ଶାସ୍ତି ଦେବାକୁ ଚିନ୍ତା କଲେ। ସତ କହିଥିବାରୁ ଜଗୁଆଳକୁ ଶାସ୍ତି ତ ମିଳିଲା ହେଲେ ସେତେ କଠିନ ନୂହେଁ, ଯାହା ହେଉ ନିୟମ ତ ସଭିଙ୍କ ପାଇଁ ସମାନ। ˝ ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା।ତେବେ କିଛି ସମୟ ପାଇଁ ସେଠାରେ ଅଟକି ଯାଇ ଫଳାଫଳ ଚିନ୍ତା କଲେ ଥଣ୍ଡା ମୁଣ୍ଡରେ। ବାଟରେ ଭୋଜନ ସମୟରେ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ଅଟକିଯାଇଥିଲେ।

# ପରିଜା ସାହେବ



**ଅକ୍ଷୟ କୁମାର ରାଉତ**

ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି । ସେମାନଙ୍କ ମଧ୍ୟରେ ବାପ ମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡରେ ଠିଆହୋଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣାକରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ । ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡା ବଂଶ ସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଚ୍ଛାପୁର ଗ୍ରାମରେ ବସତି ସ୍ଥାପନ କରିଥିଲେ । କ୍ରମେ ପରିଡା ବଂଶର ଲୋକେ ପରିଜା ସାଙ୍ଗିଆରେ ପରିଚିତ ହେଲେ । ୧୮୯୧ ମସିହା ଏପ୍ରିଲ ପହିଲା ତାରିଖଦିନ ପ୍ରାଣକୃଷ୍ଣ ଇଚ୍ଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତି ପରିଜାଙ୍କ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ । ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୁରଭଞ୍ଜରେ ଫରେଷ୍ଟଗାର୍ଡ ରୂପେ କାର୍ଯ୍ୟ କରୁଥିଲେ । ତେଣୁ ପ୍ରାଣକୃଷ୍ଣ ଗାଁ ଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ। ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି । ଏହି ପୁରାଣର କାହାଣୀଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ଚାହାଳି ପାଠ ପଢ଼ା ଶେଷ ହେବାପରେ ତାଙ୍କ ମା ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମ ମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇଦେଲେ । ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟ ମାନଙ୍କ ଜମିଦାରୀ ଅଧିନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ । ପ୍ରାଣକୃଷ୍ଣ ଜମୀଦାରୀ କାଗଜପତ୍ର କାମ ସାଙ୍ଗଙ୍କୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରି ଖାଆନ୍ତି । ବାପା ମୟୁରଭଞ୍ଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇଦେଲେ । ସେଠାରେ ପ୍ରାଣକୃଷ୍ଣ ମନ ଲଗାଇ ପାଠପଢ଼ିଲେ । ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ । ମା ଜୟନ୍ତି ଦେବୀ ସ୍ୱାମୀଙ୍କୁ ଝୁରି ଝୁରି ଆଖି ବୁଜିଦେଲେ । ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପା ମା ଛେଉଣ୍ଡ ପିଲା । ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ । ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା । ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟ ଇଂରାଜୀ ପାଠ ଶେଷ କରିଥିଲେ । ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତି ପାଇଲେ । ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲର ଲେଖାଇଦେଲେ ।

ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳ ବିଷେଶ କିଛି ସୁବିଧା ନଥିଲା । ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲି ଚାଲି ଆସନ୍ତି ଓ ଯାଆନ୍ତି । ପ୍ରାଣକୃଷ୍ଣ ବାଟୋଇ ମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ । ସେ ବାବଦକୁ ମାଲିକକୁ ଛ' ପଇସା ଦିଅନ୍ତି । ଚଟିଘରେ ଯାତ୍ରାମାନେ ରୋଷେଇ କରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି । ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍‌ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ । ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଂଟ୍ ବଦଳରେ ତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତି । ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡ ମଣିଷ ହେବୁ । ଭବିଷ୍ୟତରେ ତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା । ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହ ଟଙ୍କ ପୁରସ୍କାର ପାଇଥିଲେ । ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍ ବେଶୀ । ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ସଢ଼ିଶାରେ ପ୍ରଥମ ହୋଇ ପାସ୍ କଲେ । ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତି ମିଳିଲା । ରେଭେନ୍‌ସା କଲେଜରେ ସେ ଆଇ.ଏସ୍‌ସି ପାସ୍ କଲେ । ରେଭେନ୍‌ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ । ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍ କଲେ । ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ । ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍ କରିପାରିଲେ ନାହିଁ । ଏହାଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା । ପ୍ରାଣକୃଷ୍ଣ ବିହାର - ଓଡ଼ିଶା ଛାତ୍ରବୃତି ପାଇ ବିଲାତ ପଢ଼ିବାକୁ ଗଲେ । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ । ଉଦ୍ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କୁ ଗବେଷଣା ପାଇଁ ଛାତ୍ରବୃତି ମିଳିଥିଲା । ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ । ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆ ତତ୍ୱ ବାହାରକଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରି ଭାବେ ପରିଚିତ । ଏହାପରେ ସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ । ବିଲାତରେ ସାତ ବର୍ଷକାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କଠାରୁ ଭଲଗୁଣ ଗ୍ରହଣ କରିଥିଲେ । ଗାଁରୁ ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତା ସାଙ୍ଗରେ ବିଲାତର ଭଲଗୁଣ ଗୁଡିକ ମିଶିଯିବାରୁ ସେ ଏକ ନୂଆ ମଣିଷ ପାଲଟିଗଲେ । ନାମହେଲା 'ପରିଜା ସାହେବ' ।

ପରିଜା ସାହେବ ରେଭେନ୍‌ସା କଲେଜରେ ଉଦ୍ଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗଦେଲେ । ତାଙ୍କ ଚେଷ୍ଟାରୁ ରେଭେନ୍‌ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା । ବିଭିନ୍ନ ପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ । ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁ ସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ । ଧାନ ଉପରେ ଗବେଷଣାକରି ସେ ବହୁ ନୂଆ ତତ୍ୱ ବାହାର କଲେ । ଅଳ୍ପଦିନ ମଧ୍ୟରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ ।

ମହାନ୍ ବୈଜ୍ଞାନିକ ପରିଜା ସାହେବ ବାଲିପାଟଣା ଗାଁର ଗୌରାଙ୍ଗ ଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ । ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ । ବାହାରକୁ ଗଲେ ପରିଜା ସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଂଟି ଓଡ଼ିଆଣୀ ପୋଷାକ ପିନ୍ଧି । ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହିପଖାଳ, ଶାଗ, ବଡ଼ି, କାଁପାଣି, ଚକୁଳି, ପିଠା । ସେ କେବେ ନିଜ ଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ । ରେଭେନ୍‌ସା କଲେଜରେ ଅଧାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ । ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ । ବିଭିନ୍ନ ସମୟରେ ସେ କୁଳପତି ରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ । ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପକୁଳପତି ପଦରେ କିଛି କାଳ କାର୍ଯ୍ୟ କରିଥିଲେ । ସେ କୁଳପତି ପାଇଁ ମନୋନିତ ହୋଇ ମଧ୍ୟ ହୋଇପାରିଲେ ନାହିଁ । କାରଣ ସେ ହିନ୍ଦି ଭାଷାଭାଷୀ ଅଂଚଳର ଲୋକ ନଥିଲେ । ବନାରସରୁ ଫେରି ପରିଜା ସାହେବ ନିଜ ଗାଁ ଇଚ୍ଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ । ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଠିଆହୋଇ ବିଜୟ ଲାଭକରି ବିଧାୟକ ହେଲେ । ସଭାସମିତି ହେଉ ବା ଘରକାର୍ଯ୍ୟ ହେଉ ସବୁ କାମରେ ସେ ଥିଲେ ସମୟ ଅନୁବର୍ତ୍ତୀ । ଠିକ୍ ସମୟରେ ଠିକ୍ କାମ ସର୍ବଦା କରୁଥିଲେ ।

ସଦାସର୍ବଦା ପରିଜା ସାହେବ ନିଜ କାମ ନିଜେ କରୁଥିଲେ । ସେ କୌଣସି କାର୍ଯ୍ୟପାଇଁ କାହା ଉପରେ ନିର୍ଭର କରୁନଥିଲେ । ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠ କରୁଥିଲେ । ସେ ଥିଲେ ଜ୍ଞାନର ପ୍ରତୀକ । ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ । କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ପରିଜା ସାହେବ ସାହାଯ୍ୟ କରୁଥିଲେ । ନିଜ ଦେହ କଥା ପଛକୁ ରଖି କର୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ । ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥିପାଇଁ ଭାବନ୍ତି ପରିଜା ସାହେବ ମଣିଷ ନା ଦେବତା । ସେ କୁଳପତି ପଦବୀଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି । ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦ ମଣ୍ଡନ କରିଥିଲେ । ଆଗେ ତ ସୁନ୍ଦରମଣି ଯାଇଥିଲେ ତାପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଗଲେ ।

**ପାରାଦ୍ୱୀପଗଡ଼, କୁଜଙ୍ଗ,**
**ଜଗତ୍‌ସିଂହପୁର**
**ମୋ - ୯୯୩୭୬୯୧୪୭୫**

## କଙ୍ଗୋ ଗଣରାଜ୍ୟର 'ଇବୋଲା' ନଦୀକୂଳର ଏକ ଗ୍ରାମ

# 'ଇବାଲୋ': ସଂକ୍ରମଣ ଓ ସତର୍କତା



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଇବାଲୋ ଭାଇରସକୁ ନେଇ ରାଜ୍ୟ ସରକାର ସର୍ବାଧିକ ସୁରକ୍ଷା ପ୍ରସ୍ତୁତିରେ ରହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଆସିବାପରେ ଓଡ଼ିଶାରେ ମଧ୍ୟ ସରକାରୀ ଭାବେ ପ୍ରସ୍ତୁତି ଜୋରଦାର କରାଯାଇଛି। ବିଶେଷକରି ଆଫ୍ରିକୀୟ ଦେଶରୁ ଫେରୁଥିବା ଯାତ୍ରୀଙ୍କ ଶରୀରରେ ଯଦି ଇବାଲୋ ଲକ୍ଷଣ ଚିହ୍ନଟ ହୁଏ ତେବେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ତରଫରୁ ସୂଚୀତ କରାଯାଇଛି। ଯଦି ଇବାଲୋ ମାମଲା ରିପୋର୍ଟ ହୁଏ ତେବେ ଏମ୍ସରେ ଏକୋଇଶ ଦିନ ପର୍ଯ୍ୟନ୍ତ ସଂଘରୋଧରେ ରଖାଯିବ। ଏଥିପାଇଁ ଆଠଟି ଶଯ୍ୟା ପ୍ରସ୍ତୁତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଇବାଲୋ ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ପାଇଁ କଡ଼ାକଡ଼ି କରାଯାଇଥିବାବେଳେ ଏବେ ପାରାଦ୍ୱୀପ ବନ୍ଦରରେ ମଧ୍ୟ ସ୍ୱାସ୍ଥ୍ୟ ଟିମକୁ ସତର୍କ କରାଯାଇ ରଖାଯାଇଛି। ଇବାଲୋ ଲକ୍ଷଣ ଥିବା ଯାତ୍ରୀ ଚିହ୍ନଟହେଲେ ତୁରନ୍ତ ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା କରାଯାଇଛି। ସୂଚନା ଥାଉକି ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଇବାଲୋ ରୋଗୀ ଚିହ୍ନଟ ହୋଇନାହାଁନ୍ତି।

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଇବୋଲା ଭୂତାଣୁ ସଂକ୍ରମଣକୁ ନେଇ ବିଶ୍ୱବ୍ୟାପୀ ଏମରଜେନ୍ସୀ ଜାରି କରିଛି । ଭାରତ ମଧ୍ୟ ଏହି ସଂକ୍ରମଣକୁ ନେଇ ଚିନ୍ତାରେ ଅଛି । କାରଣ ପ୍ରାୟ ୪୫ ହଜାର ଭାରତୀୟ ଇବୋଲା ସଂକ୍ରମିତ ଦେଶଗୁଡ଼ିକରେ ଅବସ୍ଥାନ କରୁଥିବା ବେଳେ ବହୁ ସଂଖ୍ୟକ ଆଫ୍ରିକୀୟ ଭାରତକୁ ଭ୍ରମଣ, ଶିକ୍ଷା ଓ କର୍ମସଂସ୍ଥାନ ପାଇଁ ଆସୁଛନ୍ତି । ଇବୋଲାର ପ୍ରକୋପକୁ ଦେଖି ଭାରତରେ ମଧ୍ୟ ହାଇଆଲର୍ଟ ଜାରି କରାଯାଇଛି ଓ ୨୪ଘଣ୍ଟା ଜରୁରୀକାଳୀନ ହେଲ୍ପଲାଇନ ସେବା ଆରମ୍ଭ ହୋଇଛି । ଏୟାରପୋର୍ଟ ଅଥରିଟି ମଧ୍ୟ ସବୁ ବିମାନ ବନ୍ଦରରେ ସିଧାସଳଖ ଆଫ୍ରିକାରୁ ଆସୁଥିବା କିମ୍ବା ନିକଟରେ ଅନ୍ୟ ଦେଶରୁ ଆଫ୍ରିକା ଯାଇ ଫେରୁଥିବା ପ୍ରତ୍ୟେକ ଯାତ୍ରୀଙ୍କ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କାରଣ ଜଣେ ମାତ୍ର ସଂକ୍ରମିତ ବ୍ୟକ୍ତିଙ୍କ ଯୋଗୁଁ ଇବୋଲା ବ୍ୟାପିଯାଇପାରେ ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ଏହି ଇବୋଲା କ'ଣ ? : ଇବୋଲା ଭାଇରସ୍ ଡିଜିଜ୍ ବା ଇବିଡ଼ି ଏକ ରକ୍ତସ୍ରାବୀ ଜ୍ୱର । ଖୁବ୍ ବିପଜ୍ଜନକ ଏହି ରୋଗ । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ମୃତ୍ୟୁକୁ ଏଡ଼ାଇବା ଖୁବ୍ କଷ୍ଟ । ଆଜି ପର୍ଯ୍ୟନ୍ତ ଯେତେ ରୋଗୀ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି । ଏ ପର୍ଯ୍ୟନ୍ତ ଏହି ଭୂତାଣୁର ୫ଟି ପ୍ରଜାତି ଚିହ୍ନଟ ହୋଇଛି । ସେ ମଧ୍ୟରୁ ୪ଟି ଦ୍ୱାରା ମନୁଷ୍ୟ ସଂକ୍ରମିତ ହୋଇପାରେ । ଏହି ଚାରି ପ୍ରଜାତି ହେଉଛି ବୁନ୍ଦିବୁଗ୍ୟୋ ଇବୋଲା ଭାଇରସ୍, ଜାୟରେ ଇବୋଲା ଭାଇରସ୍, ସୁଦାନ ଇବୋଲା ଭାଇରସ୍, ଟାଇ ଫରେଷ୍ଟ ଭାଇରସ୍ । ପଞ୍ଚମ ଭାଇରସ୍ ରେଷ୍ଟନ ଇବୋଲା ଭାଇରସ୍ ଦ୍ୱାରା ମନୁଷ୍ୟ ସଂକ୍ରମିତ ହୁଏ ନାହିଁ । ଟାଇଫରେଷ୍ଟ ଓ ରେଷ୍ଟନ ଭାଇରସ୍ ଫିଲିପାଇନ୍ସ ଓ ଚୀନରେ ମିଳେ କିନ୍ତୁ ଆଜି ପର୍ଯ୍ୟନ୍ତ ଏଥିରେ କାହାର ମୃତ୍ୟୁ ଘଟିଥିବା ଜଣାନାହିଁ ।

ଏହା କେମିତି ବ୍ୟାପେ ? : ଏହି ରୋଗ ସଂକ୍ରମିତ ଜୀବଜନ୍ତୁ ଓ ସଂକ୍ରମିତ ମନୁଷ୍ୟଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କରୁ ବ୍ୟାପୀଥାଏ । ସଂକ୍ରମିତ ରକ୍ତ, ଛେପ, ବୀର୍ଯ୍ୟ, ବାନ୍ତି, ମଳ, ମୂତ୍ର ଆଦି ସହ ପ୍ରତ୍ୟକ୍ଷ ସମ୍ପର୍କ ଓ ସଂକ୍ରମିତ ପରିବେଶ ଦ୍ୱାରା ଅପ୍ରତ୍ୟକ୍ଷ ଭାବରେ ବ୍ୟାପୀଥାଏ । ଏହା ବାୟୁ ବାହିତ ଭୂତାଣୁ ସଂକ୍ରମଣ ନୁହେଁ । ଏହି ସଂକ୍ରମଣ ବିପଜ୍ଜନକ କିନ୍ତୁ ସଚେତନତା ଦ୍ୱାରା ଏହା ଠାରୁ ଦୂରରେ ରହିହେବ । ସଂକ୍ରମିତ ମନୁଷ୍ୟ ଓ ଜୀବଜନ୍ତୁଙ୍କ ଠାରୁ ଦୂରେଇ ରହିବା ଆବଶ୍ୟକ । ସବୁବେଳେ ହାତ ସଫା ରଖିବା ଆବଶ୍ୟକ । ସଂକ୍ରମିତ ରୋଗୀଙ୍କ ସେବାରେ ନିୟୋଜିତ ଥିବା ସ୍ୱାସ୍ଥ୍ୟକର୍ମୀ ଯଥା - ଡାକ୍ତର, ନର୍ସ ପ୍ରଭୃତି ସୁରକ୍ଷିତ ପୋଷାକ ଓ ମାସ୍କ ବ୍ୟବହାର ନକଲେ ସଂକ୍ରମଣର ଆଶଙ୍କା ଅଧିକ ଥାଏ । ସେମିତି ରୋଗୀର ପରିଜନମାନେ ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ଅଧିକ ରହିଛି । ଏହି ଭାଇରସ୍ ଶରୀରରେ ବ୍ୟାପୀବାକୁ ୨ରୁ ୨୧ ଦିନ ପର୍ଯ୍ୟନ୍ତ ସମୟ ଲାଗିଥାଏ । ଏହାର ଲକ୍ଷଣ ଦେଖାଗଲା ବେଳକୁ ଏହା ଅନ୍ୟମାନଙ୍କୁ ସଂକ୍ରମଣ କରିବା ଅବସ୍ଥାକୁ ଆସିଯାଇଥାଏ । ପରବର୍ତ୍ତୀ ୧୨ ଦିନ ଖୁବ୍ ସମ୍ବେଦନଶୀଳ । ୧୨ ଦିନ ପରେ ପ୍ରାୟ ରୋଗୀଙ୍କର ମୃତ୍ୟୁ ଘଟେ । ଲକ୍ଷଣ ଦେଖାଯିବାର ୭ରୁ ୧୦ ଦିନ ମଧ୍ୟରେ ଭୂତାଣୁ ଯେତେବେଳେ ବ୍ୟାପୁଥାଏ ସେତେବେଳେ ତଣ୍ଟି ଆଖିରେ ଜ୍ୱଳନ ହୁଏ, ପେଟରେ ଯନ୍ତ୍ରଣା ଓ ବାନ୍ତି ହୁଏ । ମୁଣ୍ଡବିନ୍ଧା, ଥକ୍କାପଣ, ଜ୍ୱର ଏବଂ ମାଂସପେଶୀରେ ଯନ୍ତ୍ରଣା ବି ହୁଏ । ତ୍ୱଚାରେ ଛୋଟ ଛୋଟ ଧଳା ଓ ନାଲି ଦାଗ ହୁଏ, ଏହା କୁଣ୍ଡିଆର ରୂପ ନିଏ । ଏଗୁଡ଼ିକ ଫାଟି ରକ୍ତ ବୁହେ । ଏଗାର ଦିନ ବେଳକୁ ଜିଭ ଲାଲ ହୋଇଯାଏ, କେବେ କେବେ ଜିଭ ବାହାରକୁ ଲଟିକିଯାଏ କିମ୍ବା ତଣ୍ଟି ଭିତରକୁ ଚାଲିଯାଏ । ବାରଦିନ ବେଳକୁ ଭୂତାଣୁ ଧମନୀରେ ରକ୍ତ ଜମାଟ କରିନିଏ । ଶରୀରର ରଙ୍ଗ କଳା ପଡ଼ିଯାଏ । ରକ୍ତ ଜମାଟ ବାନ୍ଧିବାରୁ ଯକୃତ, ବୃକକ୍, ମସ୍ତିଷ୍କ, ଫୁସ୍‌ଫୁସ୍, ଅନ୍ତ୍ରାଶୟ ସମେତ ପ୍ରାୟ ସବୁ ଅଙ୍ଗକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଏ । ଫଳରେ ଏସବୁ ଅଙ୍ଗ ଅଚଳ ହୋଇଯାଏ । ସବୁ ଅଙ୍ଗ ଅଚଳ ହେବା ପରେ ମନୁଷ୍ୟର ମୃତ୍ୟୁ ଘଟେ । ଇବୋଲା ଭୂତାଣୁ ଚିହ୍ନଟ ହେବା ମଧ୍ୟ କଷ୍ଟ । କାରଣ ପ୍ରଥମେ ସବୁ ସାଧାରଣ ଲକ୍ଷଣ ଦେଖାଯାଏ । ତେଣୁ ସାଧାରଣ ରୋଗ ବ୍ୟତୀତ ଆଉ କିଛି ମନେ ହୁଏନି ଏହା । ଜ୍ୱର, ମୁଣ୍ଡବିନ୍ଧା, ମାଂସପେଶୀ-ଗଣ୍ଠି-ପେଟରେ ଯନ୍ତ୍ରଣା, ତଣ୍ଟି ଦରଜ, ଥକ୍କାପଣ, ଡାଇରିଆ, ବାନ୍ତି-କଫରେ ରକ୍ତ ଆସିବା, ଛାତିରେ ଯନ୍ତ୍ରଣା, ନିଶ୍ୱାସ ନେବାରେ କଷ୍ଟ, ହେକୁଟି ଆଦି ଲକ୍ଷଣ ଦେଖାଯାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇବାଲୋ ପୀଡ଼ିତ ରୋଗୀଙ୍କ ଜଣଙ୍କ ପେଟରେ ଭୀଷଣ ଜଳାପୋଡ଼ା ଓ ପେଟ ଟଣା ଅନୁଭବ କରେ। ପୀଡ଼ିତ ଜଣଙ୍କ ବାରମ୍ବାର ବାନ୍ତି କରି ଏକ ପ୍ରକାରର ଅସ୍ତବ୍ୟସ୍ତ ହୋଇଯିବାର ତାଙ୍କ ଶ୍ୱାସପ୍ରଶ୍ୱାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଏହା ପୂର୍ବରୁ ଆକ୍ରାନ୍ତ ହୋଇଥିବା ହୃଦରୋଗୀ, ବୟସ୍କ, କୌଣସି ଦୂରାରୋଗୀ ଆସନ୍ନପ୍ରସବା ଓ ପିଲାମାନଙ୍କ ପାଇଁ ଏହା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ବାରମ୍ବାର ଝାଡ଼ା ବାନ୍ତି ଲାଗି ରହିବାରୁ କୌଣସି ଖାଦ୍ୟ ଖାଇବାକୁ ଇଛା ହୁଏନାହିଁ। କୌଣସି ପୂର୍ବରୁ ଲିଭର ସଂକ୍ରମିତ ପୀଡ଼ିତ ଯଦି ଇବାଲୋରେ ସଂକ୍ରମିତ ହୁଅନ୍ତି ତେବେ ତାଙ୍କ ପରିସ୍ଥିତି ଜଟିଳ ହୋଇପାରେ। ବର୍ତ୍ତମାନ ଗରମ ଯେଉଁପରି ଅନୁଭବ ହେଉଛି ଏହା ଇବାଲୋ ସଂକ୍ରମଣକୁ ବଢ଼ାଇ ପାରେ ବୋଲି ନିକଟରେ 'ଲାନସେଟ' ପତ୍ରିକା ଉଲ୍ଲେଖ କରିଛି। କେବେ କେବେ ରକ୍ତସ୍ରାବ ହୁଏ । ସଂକ୍ରମଣର ଶେଷ ପର୍ଯ୍ୟାୟ ବେଳକୁ କାନ ଓ ନାକରୁ ରକ୍ତ ବି ପଡ଼େ । ତେବେ ଯେଉଁମାନେ ସଂକ୍ରମଣ ଆରମ୍ଭରୁ ଚିକିତ୍ସା ସୁବିଧା ପାଆନ୍ତି ଓ ଶରୀରରୁ ଜଳକ୍ଷୟକୁ ଅଟକାଇ ପାରନ୍ତି ସେମାନଙ୍କ ଠାରେ ଆରୋଗ୍ୟଲାଭର ସମ୍ଭାବନା ଅଧିକ । ଏହି ରୋଗ ଏଡସ୍ ଓ ଏଚ୍‌ଆଇଭି ତୁଳନାରେ ମଧ୍ୟ ବିପଜ୍ଜନକ । କାରଣ ଏଚ୍‌ଆଇଭି ଭୂତାଣୁ ବ୍ୟାପିବାକୁ ୩ ସପ୍ତାହରୁ ୩ ମାସ ପର୍ଯ୍ୟନ୍ତ ସମୟ ଲାଗେ । ଏଚ୍‌ଆଇଭି ଭାଇରସ୍ ଏଡ଼ସ ପାଲଟିବାକୁ ୯ ମାସରୁ ୨୦ ବର୍ଷ ପର୍ଯ୍ୟନ୍ତ ଲାଗିପାରେ । ଔଷଧ ଖାଇଲେ ରୋଗୀ ସ୍ୱାଭାବିକ ଜୀବନ ଜୀଇଁପାରେ । ମାତ୍ର ଇବୋଲା ଭୂତାଣୁ ୨ରୁ ୨୧ ଦିନରେ ସଂକ୍ରମିତ ହୁଏ ଓ ସଂକ୍ରମଣର ୧୨ ଦିନ ଭିତରେ ମୃତ୍ୟୁ ପହଞ୍ଚିଯାଏ ।

ଇବାଲୋ ଭାଇସର ସମ୍ପର୍କରେ ଅନେକ ଗବେଷଣା ଚାଲିଛି ତେବେ ଜଣାପଡ଼ିଛି ବାଦୁଡ଼ି, ମାଙ୍କଡ଼ ଓ ଘୁଷୁରିଙ୍କ ଅନ୍ତ୍ରାଶୟରେ ଏହି ଭୂତାଣୁ ମିଳେ । ଏହା କିପରି ସଂକ୍ରମିତ ହୁଏ ଏ ସମ୍ପର୍କରେ ମଧ୍ୟ ସ୍ପଷ୍ଟ ସୂଚନା ନାହିଁ । ତେବେ କୁହାଯାଉଛି ଜୀବଜନ୍ତୁଙ୍କ ଶରୀରରୁ ବାହାରୁଥିବା ତରଳ ପଦାର୍ଥରୁ ସଂକ୍ରମିତ ହୋଇ ମନୁଷ୍ୟକୁ ଏହି ରୋଗ ହୋଇପାରେ । ଏହାପରେ ରକ୍ତ ଓ ଶରୀରରୁ ନିର୍ଗତ ଅନ୍ୟାନ୍ୟ ତରଳ ପଦାର୍ଥ ଯୋଗୁଁ ମନୁଷ୍ୟ ମାନଙ୍କ ମଧ୍ୟରେ ଏହି ସଂକ୍ରମଣ ବ୍ୟାପୀପାରେ । ଏହି ରୋଗରେ ସଂକ୍ରମିତ ପୁରୁଷ ଆରୋଗ୍ୟ ଲାଭ କରିବା ପରେ ମଧ୍ୟ ସାତ ସପ୍ତାହ ପର୍ଯ୍ୟନ୍ତ ସେମାନଙ୍କ ବୀର୍ଯ୍ୟରେ ଏହି ଭୂତାଣୁର ପ୍ରଭାବ ରୁହେ, ତେଣୁ ସଂକ୍ରମଣରୁ ଆରୋଗ୍ୟ ଲାଭ କରିବା ଏପରି ପୁରୁଷଙ୍କ ସହ ଯୌନ ସମ୍ପର୍କ ସ୍ଥାପନ କରିଥିବା ମହିଳାମାନେ ମଧ୍ୟ ଇବୋଲା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାନ୍ତି । ଏହି ରୋଗରେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ଶରୀରରୁ ମଧ୍ୟ ଏହି ଭୂତାଣୁ ସଂକ୍ରମଣ ହୋଇପାରେ । ଆଜି ଯେଉଁ ଇବାଲୋକୁ ନେଇ ଚର୍ଚ୍ଚା ହେଉଛି ଏହା ପଛରେ ଗୋଟିଏ ଚମକପ୍ରଦ ଘଟଣା ମଧ୍ୟ ରହିଛି। ଇବୋଲା ଭୂତାଣୁ ପ୍ରଥମେ ଚିହ୍ନଟ ହୋଇଥିଲା ୧୯୭୬ ମସିହାରେ କଙ୍ଗୋ ଗଣରାଜ୍ୟର 'ଇବୋଲା' ନଦୀକୂଳର ଏକ ଗ୍ରାମରେ । ପ୍ରଥମେ ସୁଦାନର ନଜାରା ଓ କଙ୍ଗୋର ୟାମବୁକୁଠାରେ ଏକ ସଙ୍ଗେ ଏହି ସଂକ୍ରମଣ ଦେଖାଦେଇଥିଲା । ସେବେଠାରୁ ମଝିରେ ମଝିରେ ଏହି ସଂକ୍ରମଣ ଦେଖାଦେଉଛି । ତେବେ ଚଳିତ ଇବୋଲା ସଂକ୍ରମଣ ଗତ ୪ ଦଶକର ସବୁଠାରୁ ବିପଜ୍ଜନକ ସଂକ୍ରମଣ । ଏ ମଧ୍ୟରେ ୪ଟି ଆଫ୍ରିକୀୟ ଦେଶରେ ଶହ ଶହ ହଜାରେରୁ ଅଧିକ ରୋଗୀ ମୃତ୍ୟୁବରଣ କରିସାରିଲେଣି । ଏସବୁ ଦେଶରେ ଇବୋଲା ମହାମାରୀ ରୂପ ନେଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଜରୁରୀ ପରିସ୍ଥିତି ଭାବରେ ଘୋଷଣା କରିଛି । ତେବେ ପଶ୍ଚିମ ଆଫ୍ରିକାରେ ଏହି ସଂକ୍ରମଣ ହେବା ଖୁବ୍ ଅସ୍ୱାଭାବିକ । କାରଣ ଆଜି ପର୍ଯ୍ୟନ୍ତ ଯେତେଥର ଇବୋଲା ବ୍ୟାପିଛି ମଧ୍ୟ ଓ ପୂର୍ବ ଆଫ୍ରିକୀୟ ଦେଶରେ ହିଁ ବ୍ୟାପିଛି ।

ଇବାଲୋକୁ ନେଇ ଭୟଭୀତ ହେବା ସହ କୌଣସି ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ପ୍ରଚାର ପ୍ରସାର କରନ୍ତୁ ନାହିଁ । ବର୍ତ୍ତମାନ ଗରମ ବଢୁଛି, ତାପମାତ୍ରା ଠିକ ରହୁନାହିଁ, କୌଣସି ବ୍ୟକ୍ତିଙ୍କ ଶରୀରରେ ଜ୍ୱର, କାଶ, ଥଣ୍ଡ, ବାନ୍ତି, ଝାଡ଼ା, ପେଟ ସମସ୍ୟା ଓ ରକ୍ତ ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଇବାଲୋର ବଡ଼ ଭୟାବହତା ହେଉଛି ଏହା ଶୀଘ୍ର ଅନ୍ୟ ମାନଙ୍କୁ ସଂକ୍ରମିତ କରିଥାଏ, ତେଣୁ ତୁରନ୍ତ ପରୀକ୍ଷା ଓ ଆଇସୋଲେସନ ଜରୁରୀ। ସମସ୍ତ ପ୍ରକାର ସରକାରୀ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ । ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ ଓ ସୁଷମ ଖାଦ୍ୟ ଓ ଆନନ୍ଦମୟ ଜୀବନ ନିର୍ବାହ କରନ୍ତୁ, ଯୋଗ ପ୍ରାଣାୟମ ଖୁବ ଭଲ ଅଭ୍ୟାସ। ଦେଖିବେ 'ଇବାଲୋ' ଆପଣଙ୍କୁ ଭୟଭୀତ କରିପାରିବ ନାହିଁ।

**ଅବସରପ୍ରାପ୍ତ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**୯୪୩୭୦୫୧୯୫୭**

ପ୍ରତିଶବ୍ଦ TV



# ଗଂଜାମ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମ




**ଗୋପାଳପୁର, ୯ ।୬:** ଆଜି ଗୋପାଳପୁର ସମୁଦ୍ର ବେଳାଭୂମିରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ସଚେତନତା ସହ ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଉପଜିଲ୍ଲାପାଳ ରୀନା କୁମାରୀ ନାୟକ, ତହସିଲଦାର ରାକେଶ କୁମାର ପରିଡା, ଡେପୁଟି କଲେକ୍ଟର ଅଲେଖ ରଞ୍ଜନ ମହାଙ୍କୁଡ, ସମେତ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀମାନେ ସମୁଦ୍ର ବେଳାଭୂମି ପରିସରରୁ ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ଆବର୍ଜନା ସଂଗ୍ରହ କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା । ଉପଜିଲ୍ଲାପାଳ ଶ୍ରୀ କୁମାର ନିଜ ପ୍ରତିକ୍ରିୟାରେ ପରିବେଶ ସୁରକ୍ଷା, ସ୍ୱଚ୍ଛତା ତାସହ ଜିଲ୍ଲା ତଥା ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ନାଗରିକମାନଙ୍କର ଦାୟିତ୍ୱ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ପରିଗଣନା ଫର୍ମ (Enumeration Form) ବଣ୍ଟନ ପ୍ରକ୍ରିୟା ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ତେଣୁ ତା ପୂର୍ବରୁ ବି.ଏଲ୍.ଓ ଙ୍କ ସହିତ ଯୋଗାଯୋଗ କରି ପରିଗଣନା ଫର୍ମ ପୁରାଣ କରିନେବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏସ୍. ଆଇ.ଆର୍ ସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ବି.ଏଲ୍.ଓ ଙ୍କ ସମେତ ECINET ଆପ ବା ଟୋଲ ଫ୍ରୀ ନମ୍ବର ୧୯୫୦ ର ମଧ୍ୟ ସାହାଯ୍ୟ ନେଇପାରିବେ ।

# ଘନଘନ ବିଜୁଳି କାଟ୍‌ରେ ଅତିଷ୍ଠ ସହରବାସି

**ଆଠମଲ୍ଲିକ, ୯ ।୬:** ଶତରହଜକ୍ଷର ବିଦ୍ୟୁତ ଉପଭୋକ୍ତାଙ୍କ ବିଶିଷ୍ଟ ଆଠମଲ୍ଲିକ ବିଦ୍ୟୁତ ସେକ୍ସନ ରେ ବିଦ୍ୟୁତ ସମସ୍ୟା ଚିରାଚରିତ ହୋଇଥିବା ସ୍ଥଳେ ସମ୍ପ୍ରତି ଏହା ଚରମ ସିମା ରେ ପହଁଚିଛି । ଦିନକୁ ୨୦-୩୦ ରୁ ଉର୍ଦ୍ଧ ଥର ଲାଇନ ଯିବା ଏଠାରେ ଏକ ଦୈନନ୍ଦିନ ଘଟଣା ଏବଂ ସପ୍ତାହକୁ ୨ ଥର ୮ ଘଣ୍ଟିଆ ଲାଇନ କାଟ, ଲୋ ଭୋଲ୍ଟଜ ସମସ୍ୟା ଇତ୍ୟାଦି ରେ ଜର୍ଜରିତ ଆଠମଲ୍ଲିକ ବିଦ୍ୟୁତ ଉପଭୋକ୍ତାଙ୍କ ସହନଶୀଳତାର ପରୀକ୍ଷା ଚାଲୁଥିବା ଜଣାପଡୁଛି । ଯାହା ର ଫଳ ସ୍ୱରୂପ ଏକ ବଡଧରଣ ଆନ୍ଦୋଳନ ମୁଣ୍ଡଟେକିବାକୁ ଯାଉଛି । ସାଧରଣ ରେ ଆଲୋଚନା ହୁଏ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସେବା ଦେବାରେ ଉଦାସୀନତା ଓ ଖର୍ଚ୍ଚ ବଞ୍ଚଇବା ପ୍ରଚେଷ୍ଟା ଯେମିତିକି ଗ୍ରୀଷ୍ମ ଋତୁ ରେ ଟ୍ରାନ୍ସଫର ଆର୍ଥିଙ୍ଗ ରେ ପାଣି ନ ଦେବା , ବୁସିଙ୍ଗ, ଏବି ସୁଇଚ, ଫୁଜ ଇତ୍ୟାଦି ପୁଡ଼ିଗଲେ ନୂଆ ନ ଲଗାଇ ମରାମତି କରି ଚଳାଇ ନେବା, ନିୟମିତ ବ୍ୟବଧାନ ରେ ଗଛ କଟା ନ ହେବା ଦ୍ୱାରା କମ୍ପାନୀ କର୍ତ୍ତୃପକ୍ଷ ଲାଭବାନ ହେଉଥିବା



ଆଲୋଚନା ହେଉଛି । ପ୍ରକାଶ ଥାଉକି ଆଠମଲ୍ଲିକ ବିଦ୍ୟୁତ ସେକ୍ସନ ଅଧିକ ଲମ୍ବା, ଘଟି, ଜଙ୍ଗଲ, ପାହାଡିଆ ଏରିଆ ଦେଇ ଯାଉଥିବାରୁ ସମସ୍ୟା ଅଧିକ ରହିଥାଏ ହେଲେ ବିନକେଇ ଠାରୁ କିଆକଟଙ୍କ ୬୦ କିମି ଦୂର ଲମ୍ବା ୭-୮ କିମି ଚଉଡ଼ା ଏବଂ ୧୫ କି:ମି ପଞ୍ଚାଧର ଘଞ୍ଚ ଜଙ୍ଗଲ ମଧ ଦେଇ ଆସିଥିବା ଇନପୁଟ ଲାଇନ ସାମାନ୍ୟ ପବନ, ବର୍ଷା, ଓ ଜଙ୍ଗଲ ନିଆଁ ଦ୍ୱାରା ବାରମ୍ବାର ପ୍ରଭାବିତ ହୋଇଥାଏ ଏପରି ସ୍ଥଳରେ ବିରାଟ ଏରିଆ କୁ ରକ୍ଷଣକ୍ଷ ବେକ୍ଷଣ ଓ ମରାମତି ପାଇଁ କମ୍ପାନୀ ଗୋଟିଏ ମାତ୍ର ଗାଡି ଦେବା ସମସ୍ୟା କୁ ଅଧିକ ଜଟିଳ କରୁଛି କମ୍ପାନୀ କର୍ତ୍ତୃପକ୍ଷଙ୍କ ଖର୍ଚ୍ଚ କାଟ ମାନସିକତା ଯୋଗୁଁ ସାଧାରଣ ଜନତା କଷ୍ଟ ପାଉଥିବା ଆଲୋଚନା ହେଉଥିବା ନଜର ଆସୁଛି ଆଠମଲ୍ଲିକ ରାଜ୍ୟ ଏକ ବିଳମ୍ବିତ ବୃଷ୍ଟି ଓ ଅଧିକ ତାପମାନ ରେକର୍ଡ ଥିବା ସହର ରେ ପରିଗଣିତ ହୋଇଥିବା ସ୍ଥଳେ ଟାଟା କମ୍ପାନୀ ଦୟା ରେ ଆଠମଲ୍ଲିକ ସହର ବାସି କୁଲର, ଏସି, ଫ୍ୟାନ କୁ ଦେଖି ଦେଖି ମନକୁ ବୁଝେଇନେବା ଛଡା ଅନ୍ୟ ରାସ୍ତା ନ ଥିବା ସାଧାରଣ ରେ ଆଲୋଚନା ହେଉଥିବା ଦେଖାଯାଉଛି ଏ ବାବଦରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବଇଣ୍ଡାଙ୍କୁ ଯୋଗାଯୋଗ କରିବାରୁ 'ଆମେ ଚେଷ୍ଟା କରୁଛୁ ଆଗକୁ ସବୁ ଠିକ ହୋଇଯିବ ବୋଲି ମତ ଦେଇଥିଲେ।

# ବିଦ୍ୟୁତ ସମ୍ପର୍କିତ ସମସ୍ୟାର ସମାଧାନ ନେଇ ଜେଇଙ୍କ ଜରିଆରେ ଦାବିପତ୍ର

**ବଲାଙ୍ଗୀର, ୯ ।୬:** ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ବେଲପଡା ବିଜୁ ଜନତା ଦଳ ତରଫରୁ ମହାମହିମ ରାଜ୍ୟପାଳଙ୍କ ଉଦେଶ୍ୟ ବେଲପଡା ବିଦ୍ୟୁତ ବିଭାଗ ଜେଇଙ୍କ ଜରିଆରେ ଦାବିପତ୍ର ପ୍ରଦାନ । ରାଜ୍ୟ ସରକାର ଙ୍କ ଅପାରଗତା ଓ ବିଦ୍ୟୁତ ସମ୍ପର୍କିତ ସମସ୍ୟା ର ସମାଧାନ ନିମନ୍ତେ ବେଲପଡା ବିଜେଡି ପକ୍ଷରୁ ବିଶାଳ ରେଲି ଆୟୋଜିତ ହୋଇଥିଲା, ବିଜେଡି ରେଲି ରେ ବଲାଙ୍ଗୀର ବିଜୁ ଜନତା ଦଳ ସଭାପତି ତଥା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ସରୋଜ ମେହେର ଉପସ୍ଥିତ ଥିଲେ, ଜନ ସାଧାରଣଙ୍କ ବିଦ୍ୟୁତ ସମ୍ବନ୍ଧୀଅ ଭିନ୍ନ ଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଦାବିପତ୍ର ଦେଇଥିଲେ।



# ମାଁ ବୁଢ଼ୀ ଠାକୁରାଣୀ ଫେରିଲେ ମୁଖ୍ୟ ମନ୍ଦିର



**ବ୍ରହ୍ମପୁର, ୯ ।୬:** ଜଗଦଳପୁର ପ୍ରସିଦ୍ଧ ମାଁ ବୁଢ଼ୀ ସାଆନ୍ତାଣୀ ଠାକୁରାଣୀ ଙ୍କ ୧୭ଦିନ ଧରି ଚାଲିଥିବା ଯାତ୍ରା ଶେଷ ହୋଇଛି । ରବିବାର ମଧ ରାତ୍ରରେ ମାଁ ବୁଢ଼ୀ ସାଆନ୍ତାଣୀ ଙ୍କ ସନ୍ଧ୍ୟା ଆଳତି ପରେ ତାଙ୍କରି ବିଦାୟୀ ପର୍ବ ଆରମ୍ଭ ହୋଇଥିଲା । ଭକ୍ତ,ଶ୍ରଦ୍ଧାଳୁ ଙ୍କ ଗହଣରେ ମାଁ ଏକ ବିରାଟ ପଟୁଆରରେ ଅସ୍ଥାୟୀ ମଣ୍ଡପରୁ ବାହାରି ଜଗଦଳପୁର ମୁଖ୍ୟ ରାସ୍ତା ଦେଇ ଉତ୍ତର ସାହିରେ ଭକ୍ତ ଙ୍କୁ ଦର୍ଶନ ଦେଇଥିଲେ । ଏହି ଅବସରରେ ଜଗଦଳପୁର ଗ୍ରାମ ସମେତ ଆଖପାଖ ପଂଚାୟତ ର ଶତାଧିକ ମହିଳା ମାଁ ଙ୍କ ବିଦାୟୀ ଯାତ୍ରାରେ ସାମିଲ ହୋଇଥିଲେ । ଉତ୍ତର ସାହି ପରିକ୍ରମା ପରେ ମାଁ ଦକ୍ଷିଣ ସାହି ସ୍ଥିତ ମାଉସୀ ମାଁ ଘରେ ପହଞ୍ଚି ସେଠାରେ ପୋଡ଼ା ପିଠା ଖାଇ ବାହାରିଥିଲେ ଶୁଣ୍ଡି ସାହି ସ୍ଥିତ ବାପା ଘରକୁ । ଶୁଣ୍ଡି ସାହିର ସାହୁ ପରିବାର ଘରେ ଛେନାପୋଡ, ଆଡ଼ିଶା,କାକରା ଭୋଗ ଖାଇ ନିଜ ଶ୍ୱଶୁର ଘର ଅର୍ଥାତ୍ ମୁଖ୍ୟ ମନ୍ଦିରରେ ସୋମବାର ସକାଳ ୪ଟା ବେଳେ ମାଁ ମୁଖ୍ୟ ମନ୍ଦିରରେ ପ୍ରବେଶ କରିଥିଲେ । ଯାତ୍ରା ରେ ବ୍ରହ୍ମପୁର ମାଁ ବୁଢ଼ୀ ଠାକୁରାଣୀ ଙ୍କ ପୂଜକ ଭାଗିରଥୀ ଗନ୍ତାୟତ,ଜଗଦଳପୁର ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର କମିଟି ଏବଂ ଯାତ୍ରା ପରିଚାଳନା କମିଟି ସଦସ୍ୟ ଡ଼ା.ଉମାକାନ୍ତ ସାହୁ,ହରିଶ୍ଚନ୍ଦ୍ର ସାହୁ,ଶିଶିର ସାହୁ,ପଞ୍ଚାନନ ସାହୁ,ସଂଜୟ କୁମାର ସାହୁ,ପିକୁ ସାହୁ,ରାନୁ ସାହୁ ,ସୀମା ବେହେରା ଙ୍କ ସମେତ ମନ୍ଦିରର ସମସ୍ତ ପୂଜକ ଉପସ୍ଥିତ ରହି ମାଁ ଙ୍କ ବିଦାୟୀ କାର୍ଯ୍ୟ ସମ୍ପାଦନ କରିଥିଲେ । ଯାତ୍ରାକୁ ଶାନ୍ତିଶୃଙ୍ଖଳା ର ସହିତ ଶେଷ କରିବା ପାଇଁ ସ୍ଥାନୀୟ ନିମଖଣ୍ଡି ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର




**ବାସୁଦେବପୁର, ୯ ।୬:** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଜୁନ ୪ ତାରିଖ ଗୁରୁବାର ଦିନ ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ବ୍ଲକ ଉନ୍ନୟନ ଅଧିକାରିଣୀ ତନ୍ମିତା କର, ଜିଲ୍ଲା ସମୀକ୍ଷକ ସତ୍ୟଜିତ୍ ପୃଷ୍ଟି ଓ ବ୍ଲକ ସମୀକ୍ଷକ ଜନଜୀବନ ନାୟକ ବ୍ଲକ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଉର୍ମିଳା କର, ଅମୀୟ କୁମାର ମହାଳିକ ପ୍ରମୁଖ ମଞ୍ଚାସୀନ ହୋଇ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ମୋଟ ୭୮ ବିଦ୍ୟାଳୟ ର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ସମଗ୍ର ଶିକ୍ଷା ଯୋଜନା ର ସିଏସଏ କର୍ମଚାରୀମାନେ ଉପସ୍ଥିତ ରହି ବିଦ୍ୟାଳୟ ସ୍ତରରେ ବିଭିନ୍ନ ସମସ୍ୟା ବିଷୟରେ ସମୀକ୍ଷା କରିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ସହିତ ଔଷଧ ବିତରଣ, ଶୁଦ୍ଧ ପାନୀୟ ଜଳ, ପାଇଖାନା ପରିଷ୍କାର ସହିତ ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା। ଏଥିସହିତ ବିଦ୍ୟାଳୟ ର ଭିତ୍ତିଭୂମି ର ବିକାଶ ବିଷୟରେ ବିଡ଼ିଓ ତନ୍ମିତା କର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ପଚାରି ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରମ୍ବାର ସୂଚନା ଦେବା ପରେ ଯେଉଁ ପ୍ରଧାନ ଶିକ୍ଷକ ମାନେ ଅନୁପସ୍ଥିତ ଥିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଯେଉଁ ବିଦ୍ୟାଳୟ ରେ ଭିତ୍ତିଭୂମି ର ବିକାଶ ବାକି ରହିଛି ତାହା ଆଗାମୀ ଆର୍ଥିକ ବର୍ଷରେ ଶେଷ ହେବାକୁ ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପୌରପାଳିକା ରେ ଥିବା ବିଦ୍ୟାଳୟ ମାନଙ୍କରେ ମଧାହ୍ନ ଭୋଜନ ଯୋଗାଣ ବ୍ୟବସ୍ଥା ରେ ଥିବା ଏନଜିଓ ସଂସ୍ଥା ପକ୍ଷରୁ ଯୋଗା ଯାଉଥିବା ମଧାହ୍ନ ଭୋଜନ ଭଦ୍ରକ ରୁ ଆସି ବାସୁଦେବପୁର ପୌରପାଳିକା ରେ ପହଞ୍ଚିବା ର ବିଳମ୍ବ ଯୋଗୁଁ ଖାଦ୍ୟ ଖରାପ ହେଉଥିବା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟ ରେ ସକାଳ ୧୦ ଟା ପୂର୍ବରୁ ପହଞ୍ଚିବେ ଏବଂ ଅପରାହ୍ନ ୪ ପରେ ବିଦ୍ୟାଳୟ ରୁ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କୌଣସି ଶିକ୍ଷକ ଓ ଶିକ୍ଷୟିତ୍ରୀ ଅବମାନନା କଲେ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୂଚନା ଦେଇଛନ୍ତି। ଏହାର କୌଣସି ବ୍ୟତିକ୍ରମ ଦେଖିଲେ ତୁରନ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଙ୍କ ନଜରକୁ ଆଣିବା ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଛନ୍ତି।

# ନିଷ୍ଟ୍ ବିଶ୍ୱବିଦ୍ୟାଳୟର ଇସିଇ ବିଭାଗ ଓ ଏମସିଏ ପାଠ୍ୟକ୍ରମକୁ ଏନ୍‌ବିଏ ମାନ୍ୟତା

**ବ୍ରହ୍ମପୁର, ୯ ।୬:** ନିଷ୍ଟ୍ ବିଶ୍ୱବିଦ୍ୟାଳୟ ର ଇସିଇ ଏବଂ ଏମସିଏ ପାଠ୍ୟକ୍ରମ ପାଇଁ ଜାତୀୟ ମାନ୍ୟତା ବୋର୍ଡ (ଏନ୍‌ବିଏ) ଦ୍ୱାରା ତିନି ବର୍ଷ ପର୍ଯ୍ୟନ୍ତ ମାନ୍ୟତା ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ୍ ଇଞ୍ଜିନିୟରିଂ ଏବଂ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍ (ଏମ ସି ଏ) ରେ ସ୍ନାତକ ପାଠ୍ୟକ୍ରମ ମାନ୍ୟତା ପାଇଁ ଏନ୍ ବି ଏ ଏକ ପାଞ୍ଚ ଜଣିଆ ସଦସ୍ୟ ନିରୀକ୍ଷଣ କମିଟି ମେ ୮ ରୁ ମେ ୧୦ ତିନି ଦିନ ଧରି ନିଷ୍ଟ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏନବିଏ ଫଳାଫଳ ଅନୁଯାୟୀ, ଇସିଇ ଏବଂ ଏମସିଏ ପାଠ୍ୟକ୍ରମର ଯୁଜି ପ୍ରୋଗ୍ରାମଗୁଡିକ ଜାନୁଆରୀ ୦୧, ୨୦୨୬ ରୁ ଡିସେମ୍ବର ୩୧, ୨୦୨୮ ପର୍ଯ୍ୟନ୍ତ ତିନି ବର୍ଷ ପାଇଁ ମାନ୍ୟତାପ୍ରାପ୍ତ ହୋଇଛି । ଏହି ମାନ୍ୟତା ଦ୍ୱାରା ଛାତ୍ରଛାତ୍ରୀ ନିଯୁକ୍ତି, ଶିଳ୍ପ ପ୍ରତିଷ୍ଠାନ ମଧ୍ୟରେ କଥାବାର୍ତ୍ତା, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଅନୁଷ୍ଠାନରେ ଇଣ୍ଟର୍ଣ୍ଣସିପ୍ ଏବଂ ଆଡମିଶନରେ ମଧ୍ୟ ଉନ୍ନତି ହେବ। ଏହି ମାନ୍ୟତା ପ୍ରତିଷ୍ଠାତା ତଥା ସଭାପତି ଡ଼. ସୁକାନ୍ତ କିଶୋର ମହାପାତ୍ରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଭାରପ୍ରାପ୍ତ କୁଳପତି ଡ. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ, ଇସିଇ ବିଭାଗ ର ମୁଖ୍ୟ ଡକ୍ଟର ରାଜେଶ ପାଟଜୋଶି, ଏମ୍ସିଏ ସଂଯୋଜକ ଡକ୍ଟର ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ସମ୍ଭବ ହୋଇପାରିଛି। ଏହି ସ୍ୱୀକୃତି ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଶିକ୍ଷକ, କର୍ମଚାରୀ ଏବଂ ସମସ୍ତ ଅଂଶୀଦାରଙ୍କ କଠିନ ପରିଶ୍ରମ, ସମର୍ପଣ ଏବଂ ପ୍ରତିବଦ୍ଧତା ଯୋଗୁଁ ହୋଇପାରିଛି ।



# ଗାନ୍ଧୀନଗର ୩ୟ ଗଳି ସ୍ଥିତ 'ଯୋଗଧାମ'



**ବ୍ରହ୍ମପୁର, ୯ ।୬:** ଗାନ୍ଧୀ ନଗର ୩ୟ ଗଳି ସ୍ଥିତ 'ଯୋଗଧାମ ' ଙ୍କ ଆନୁକୂଲ୍ୟରେ, ୨୩ତମ ବ୍ୟକ୍ତିତ୍ୱ ବିକାଶ ଶିବିର, ଚଳିତ ୩୧ ମଇ ରବିବାର ଠାରୁ ୭ ଜୁନ୍ ରବିବାର ପର୍ଯ୍ୟନ୍ତ କାର୍ଯକାରୀ ରହିଅଛି। ୫ମ ରୁ ୧୦ମ ଶ୍ରେଣୀ ର ୮୦ ଜଣ ବିଦ୍ୟାର୍ଥୀ ଯୋଗଦେଇ ଗୁରୁକୁଳ ଶିକ୍ଷା ପ୍ରତ୍ୟେକ ଦିନ ସକାଳ ୬.୩୦ ଠାରୁ ରାତ୍ର ୮.୦୦ ପର୍ଯ୍ୟନ୍ତ ଅନ୍ୟୁନ ୧୪ଘଣ୍ଟା, ଯୋଗଗୁରୁ ତଥା ଯୋଗଧାମ ସଭାପତି ସ୍ୱାମୀ କୃଷ୍ଣ ଗୋପାଳ ଦାଶଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ସହ ବିଶିଷ୍ଟ ପ୍ରଶିକ୍ଷକଙ୍କ କୁଶଳ ସହଯୋଗିତା ରେ ଆଗେଇ ଚାଲିଛି। ପ୍ରାତଃ ସ୍ମରଣ; ଯୋଗାସନ; ବେଦ ଏବଂ ଗୀତା ଆବୃତ୍ତି; ସୃଜନଶୀଳତା; ସ୍ୱାଧ୍ୟାୟ; ଯୋଗନିଦ୍ରା; ରଙ୍ଗଶ୍ୱରଙ୍କକ୍ରୁକ୍କ୍ୱର; ତର୍କ; ଜାମ୍; ନାଟକ; ଦେଶାତ୍ମବୋଧ ସଙ୍ଗୀତ; ଭଜନ; ଆନନ୍ଦସମ୍ମେଳନ; ପ୍ରାଣାୟାମ; ଧ୍ୟାନ; ତ୍ରାଟକ; ଯୋଗକ୍ରୀଡା ଆଦି ଦୈନିକ ୨୦ରୁ ଉର୍ଦ୍ଧ ସୋପାନ ଶ୍ରେଣୀ ରେ ଶିଶୁଙ୍କ ଆଧ୍ୟାତ୍ମିକ, ବୌଦ୍ଧିକ ବିକାଶ ପାଇଁ ଅଭିନବ କୌଶଳ ତାଲିମପ୍ରଦାନ କରାଯାଉଛି। ପ୍ରକାଶଯୋଗ୍ୟକି ୧୯୯୪ ଠାରୁ ପ୍ରତିଷ୍ଠିତ ଏହି ସଂସ୍ଥା ୨୦୦୦ ମସିହା ଠାରୁ ପ୍ରତ୍ୟେକବର୍ଷ ଏହି ଶିବିର ନିୟମିତ ଆୟୋଜନକରି ଶତାଧିକ ବିଦ୍ୟାର୍ଥୀ ଙ୍କ ଚରିତ୍ରଗଠନ ରେ ସହାୟକ ହେବା ଅଭିଭାବକ ମହଲରେ ଅତୀବ ସ୍ୱାଗତଯୋଗ୍ୟ ରହିଛି।

# ଦୁର୍ଘଟଣାରେ ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ



**ଆଠମଲ୍ଲିକ, ୯ ।୬:** ଏକ ଦୁଃଖଦ ଘଟଣା କ୍ରମରେ ଠାକୁରଗଡ଼ ଥାନା ଅଞ୍ଚଳ ଆନନ୍ଦ ପୁର ବାଙ୍କ ନିକଟରେ ଏକ ନେକ୍ସନ କାର ଓ ବାଇକ ଦୁର୍ଘଟଣା ଗ୍ରସ୍ତ ହେବାରୁ ଠାକୁରଗଡ଼ର ଯୁବ ସାମ୍ବାଦିକ ବୁଲୁ ଦଳେଇଙ୍କ ଦେହାନ୍ତ ହେବା ସହିତ ବାଇକ ରେ ବସିଥିବା ମହିଳା ଆହତ ହୋଇଥିବା ଜଣା ପଡିଛି । ଠାକୁରଗଡ଼ ଥାନା ସୂତ୍ର ରୁ ମିଳିଥିବା ଖବର ଅନୁଯାଇ ଅପରାହ୍ନ ହାରାହାରି ୪:ରୁ ୪:୩୦ ମଧରେ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣା ଘଟାଇ ଥିବା କାର ର ନମ୍ବର ଓ ଡ଼ି ୧୯ ଏକ୍ସ ୮୩୫୯ ନେକ୍ସନ କାର ବୋଲି ଜଣା ପଡିଛି । ଠାକୁର ଗଡ଼ ଥାନା ଏସ ଆଇ ମନୋଜ ବେହେରା ଘଟଣା ସ୍ଥଳ ରେ ପହଂଚି କାର କୁ ଜବତ କରିବା ସହିତ ତଦନ୍ତ ଜାରି ରଖିଛନ୍ତି । ଦୁର୍ଘଟଣା ଗ୍ରସ୍ତ ହେଲା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନା କୁ ଅଣା ଯାଇଥିଲା । ଡାକ୍ତରଖାନା ରେ ସାମ୍ବାଦିକ ବୁଲୁ ଦଳେଇ ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସୂଚନା ଥାଉ କି ମୃତ ବୁଲୁ ଦଳେଇ ମେଳାପୀ, ମିଷ୍ଟ ଭାସୀ, ପରୋପ କାରି, ଯୁବ ସାମ୍ବାଦିକ ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେଲା ପରେ ସାମ୍ବାଦିକ ମହଲ ଓ ଜନସାଧାରଣ ରେ ଶୋକ ର ଛାୟା ଖେଳି ଯାଇଛି ।

# ଡାକ୍ତର ସଦାନନ୍ଦ ସାମନ୍ତରାୟ ଚିକିତ୍ସାଧିନ ଅବସ୍ଥାରେ ବିୟୋଗ

**ରଙ୍ଗେଇଲୁଣ୍ଡା, ୯ ।୬:** ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳର ମୋଉଡମଣୀ ତଥା ରୋଗୀ ସେବାରେ ସମର୍ପିତ ଡାକ୍ତର ସଦାନନ୍ଦ ସାମନ୍ତରାୟ ଆଜି ମଙ୍ଗଳବାର ସକାଳ ୯ଘଣ୍ଟା ସମୟରେ ୮୭ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏକ ଘୋରେଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି । ଖବର ପାଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ରଣ୍ଡାର ଗ୍ରାମର ବାସିନ୍ଦା ଡା.ସଦାନନ୍ଦ ସାମନ୍ତରା । ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସଭିଙ୍କ ଗହଣରେ ସଦାନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ଥିଲେ, ଦେହରେ ବଳ କମିଥିଲେ ବି ରୋଗୀ ସେବା ଜାରି ରଖିଥିଲେ, ଜଣେ କର୍ତ୍ତବ୍ୟନିଷ୍ଠ ଡାକ୍ତର ଭାବେ ପରିଚୟ ତିଆରି କରିଥିଲେ ସଦାନନ୍ଦ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନିରନ୍ତର ଭାବେ ରୋଗୀଙ୍କୁ ସେବା ଜାରି ରଖିଥିଲେ ଡାକ୍ତର ସଦାନନ୍ଦ ସାମନ୍ତରାୟ। ଗତ କିଛି ମାସ ହେବ ତାଙ୍କ ଶରୀର ଅସୁସ୍ଥ ହେବାରୁ



ପ୍ରଥମେ ବ୍ରହ୍ମପୁର ଏବଂ ପରେ ଭୁବନେଶ୍ୱରର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ, ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ବିୟୋଗ ହୋଇଛି । ସଦାନନ୍ଦ ୧୯୪୦ ମସିହାରେ ରଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ବାପା ଅକ୍ରୁର ସାମନ୍ତରା ଓ ମାଆ ଉଲି ସାମନ୍ତରା । ପିଲାଟି ଦିନରୁ ମେଧାବୀ ଛାତ୍ର ଥିଲେ ସଦାନନ୍ଦ । ୧୯୬୩ ମସିହାରେ ସଦାନନ୍ଦ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜା ମେଡ଼ିକାଲ କଲେଜରେ ଡାକ୍ତରୀ ଶିକ୍ଷା ଆରମ୍ଭ କରି ୧୯୭୦ ରେ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ । କିନ୍ତୁ ଚାକିରି ନକରି ଗାଁରେ ହିଁ ରହି ଲୋକମାନଙ୍କ ସେବା ଆରମ୍ଭକରିଥିଲେ ସଦାନନ୍ଦ । ଆଜି ତାଙ୍କ ମୃତ୍ୟୁ ଖବର ଶୁଣି ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀରକୁ ନିଜ ଗ୍ରାମ ରଣ୍ଡାକୁ ଆଣି ଦୀର୍ଘ ୫୫ବର୍ଷ ଧରି ନିଜର ଯେଉଁ ଘରେ ରୋଗୀସେବା କରୁଥିଲେ ସେଠାରେ ଅନ୍ତିମ ଦର୍ଶନ ପାଇଁ ରଖାଯାଇଥିଲା ଏବଂ ବହୁ ବରିଷ୍ଠ ବ୍ୟକ୍ତି, ଅଞ୍ଚଳର ଶତାଧିକ ଲୋକ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ, ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ପ୍ରଫେସର ଡାକ୍ତର ସୁକାନ୍ତି ପାଣିଗ୍ରାହୀ,ପୁଅ ରାଜା ଏବଂ ଦୁଇ ଝିଅ ଡ଼ଲି ଏବଂ ଝିଲି ଉପସ୍ଥିତ ଥିଲେ । ଶୋକାକୁଳ ପରିବେଶ ଭିତରେ ସଦାନନ୍ଦଙ୍କ ପାର୍ଥିବ ଶରୀରକୁ ଗାଁ ସାରା ପରିକ୍ରମା କରି ଶେଷରେ ଗ୍ରାମର ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କରିଥିଲେ, ଶତାଧିକ ଅଞ୍ଚଳବାସୀ, ଗ୍ରାମବାସୀ ଏବଂ ବହୁ ବରିଷ୍ଠ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

# ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର କଳସ ଯାତ୍ରା



**ବ୍ରହ୍ମପୁର, ୯ ।୬:** ଗାୟତ୍ରୀ ଶକ୍ତିପୀଠ ତତ୍ୱାବଧାନରେ ଗଞ୍ଜାମ ଜିଲ୍ଲା ଗୁରୁଣ୍ଟି ଗ୍ରାମରେ ଅନୁଷ୍ଠିତ ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ର କଳଶ ଯାତ୍ରା ଏବଂ ଦୀପ ଯଜ୍ଞରେ ବ୍ରହ୍ମପୁର ସାଂସଦଙ୍କ ଦ୍ୱାରା ତା. ୫/୬/୨୦୨୬ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏବଂ ତା ୬/୬/୨୦୨୬ ପ୍ରାତଃ ୮ ଘଂଟାରେ ଗୁରୁଣ୍ଟି ନୃସିଂହନାଥ ମନ୍ଦିର ନିକଟସ୍ଥ ଯଜ୍ଞ ଶାଳାରେ ଦେବ ଦମ୍ପତି ମାନଙ୍କ ଦ୍ୱାରା ଦେବା ଆବାହନ ଓ ଦେବପୂଜନ ପରେ ନବ କୁଣ୍ଡୀୟ ନବ ଚେତନା ଗାୟତ୍ରୀ ମହାଯଜ୍ଞ ପ୍ରାରମ୍ଭ ହୋଇଥିଲା ଏହି ଯଜ୍ଞ ରେ ୪୦ ଜଣ ଦୀକ୍ଷା ଗ୍ରହଣ କରିଥିଲା ବେଳେ ୫ଜଣ ମହିଳାଙ୍କ ଗର୍ଭା ।ଧାନ ସଂସ୍କାର ଓ ୩ଜଣ ମହିଳାଙ୍କ ପୁଂସବନ ସଂସ୍କାର କରାଯାଇଥିଲା। ଓଡ଼ିଶା ଗାୟତ୍ରୀ ପରିବାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀ ଜୟନ୍ତ ମିଶ୍ର ଯଜ୍ଞ ପରିଚାଳନା କରିଥିଲାବେଳେ ସଂଗୀତ ପରିଚାଳନା କରିଥିଲେ କୁମାରୀ ନିବେଦିତା, ଆକାଶ ଏବଂ ସ୍ୱର୍ଣ୍ଣିମ କୁମାର। ଗୁରୁଣ୍ଟି ଗ୍ରାମର ଗାୟତ୍ରୀ ପରିବାର ପରିଜନ ଏବଂ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଏବଂ ବ୍ରହ୍ମପୁର ଗାୟତ୍ରୀ ଶକ୍ତିପୀଠ ତତ୍ୱାବଧାନ ରେ ଯଜ୍ଞ ସଫଳ ହୋଇଥିବାରୁ ଗାୟତ୍ରୀ ଶକ୍ତିପୀଠର ବ୍ୟବସ୍ଥାପକ ପ୍ରଫୁଲ୍ଲ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଶାନ୍ତି ପାଠ କରିଥିଲେ।

# ଦିବ୍ୟ ଜୀବନ ସଂଘ ମହିଳା ଶାଖା ପକ୍ଷରୁ ମାସ ପାରାୟଣ



**ବ୍ରହ୍ମପୁର, ୯ ।୬:** ଜୀବନ ସଂଘ ମହିଳା ଶାଖା ତରଫରୁ ପବିତ୍ର ପୁରୁଷୋତ୍ତମ ମାସରେ ଆଶ୍ରମ ପରିସରରେ ଶ୍ରୀରାମ ଚରିତମାନସ ମାସ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଆଜି ମାସ ପାରାୟଣର ଚତୁର୍ବିଂଶ ଦିବସରେ ଆଶ୍ରମ ର ବରିଷ୍ଠ ଗୁରୁଭାଇ ଶ୍ରୀନିବାସ ପାତ୍ର, ମମତା ମହାପାତ୍ର,ଏବଂ ଲିପ୍ସାବାଳା ସାହୁ ଅତି ସୁନ୍ଦର ଭାବପୂର୍ଣ୍ଣ ସ୍ୱରରେ ସୁନ୍ଦରକାଣ୍ଡ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ଜୀପିସିଡିଏ ସଭାପତି, ସୋପା ସମ୍ପାଦକଙ୍କ ପୁତ୍ର ବିଶ୍ୱଜିତ୍ ପଣ୍ଡାଙ୍କ ଅକାଳ ବିୟୋଗ ରେ ଆଶ୍ରମ ପରିସରରେ ସ୍ମୃତି ସଭା ଅନୁଷ୍ଠିତ ହେବା ସହ ପବିତ୍ର ଆତ୍ମାଙ୍କ ସଦ୍ଗତୀ କାମନା କରି ସତସଂଘ ରେ ସମସ୍ତ ମନ୍ତ୍ର ଆବୃତ୍ତି କରାଯାଇଥିଲା। ପ୍ରାୟ ଶତାଧିକ ବୃଦ୍ଧାଶ୍ରମ ଅନ୍ତେବାସୀ ମାନଙ୍କୁ ସ୍ୱାସ୍ଥ୍ୟ ପରିକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଗୁରୁମହାରାଜଙ୍କ ହୃଦୟସ୍ପର୍ଶୀ ବାଣୀ 'ଭଲ ହୁଅ ଓ ଭଲ କର', ସେବା ହିଁ ପରମ ଧର୍ମ କୁ ପାଥେୟ କରି ଆସନ୍ତା ବିଶ୍ୱ ରକ୍ତ ଦାତା ଦିବସ ତଥା ଜୁନ ୧୪ ତାରିଖ ସନ୍ଧ୍ୟା ୫ ଘଣ୍ଟା ରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ଦିବ୍ୟ ଜୀବନ ସଂଘ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତି ର କୋଷାଧ୍ୟକ୍ଷ ଶାନ୍ତିଭୂଷଣ ପଣ୍ଡା ସୂଚନା ପ୍ରଦାନ କରିବା ସହ ସମସ୍ତେ ଆସି ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଅନୁରୋଧ କରିଥିଲେ। ପବିତ୍ର ରଜ ସଂକ୍ରାନ୍ତି ରେ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି ସହ ହନୁମାନ ଚାଳିଶା, ନାରାୟଣ ସେବା ଅନୁଷ୍ଠିତ ହେବ। ଏହି ସବୁ ଦିବ୍ୟ କାର୍ଯ୍ୟକ୍ରମ କୁ ସଂଘର ପ୍ରବୀଣା ମିଶ୍ର, ଲକ୍ଷ୍ମୀ ପାତ୍ର, ସୁଜାତା ପଟ୍ଟନାୟକ, ଶକୁନ୍ତଳା, ଟୁନି ପାଢ଼ୀ, ଅନ୍ନପୂର୍ଣ୍ଣା ସାହୁ, ପ୍ରମିଳା ମହାରଣା, ମାମି ବେହେରା, ମମତା ପ୍ରଧାନ, ରେଣୁକା ସାହୁ, କ୍ରିଷ୍ଣା ଦୋରା, ପ୍ରଶାନ୍ତ ନନ୍ଦ, ନାଗେଶ୍ୱର ପ୍ରୁଷ୍ଟୀ, ମଧୁସୂଦନ ମହାପାତ୍ର, ଅନ୍ନପୂର୍ଣ୍ଣା ସାହୁ ଓ ଅନାମିତା ପଣ୍ଡାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ପରିଚାଳନା କରୁଛନ୍ତି।

# ଜିଲ୍ଲା ବରିଷ୍ଠ କଳାକାର ସଂଘର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



**ବ୍ରହ୍ମପୁର, ୯ ।୬:** ଗଂଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର ସପ୍ତମ ବାର୍ଷିକ ଉତ୍ସବ ଆସନ୍ତା ଜୁଲାଇ ୩ ତାରିଖରେ ପ୍ରକାଶମ୍ ହଲ୍ ଠାରେ ଅନୁଷ୍ଠିତ ହେବ।ଏଥି ସକାଶେ ଏକ ପ୍ରସ୍ତୁତି ବୈଠକ ସଂଘ ସଭାପତି ଡାକ୍ତର ତିରୁପତି ସାହୁ ଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିଲା ଏଥିରେ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ,ଉପ ସଭାପତି ଶଙ୍କର୍ଷଣ ସାବତ, ଉପଦେଷ୍ଟା ସୁଦାମ ପଟ୍ଟନାୟକ ଓ ହରିଶ୍ଚନ୍ଦ୍ର ବରଡ ମଂଚାସିନ ଥିଲେ। ଏଥି ସହିତ କୋଷାଧକ୍ଷ ଅଭିରାମ ରାଉଳ, ଅଶୋକ ପାତ୍ର, ସୁରେନ୍ଦ୍ର ପ୍ରଧାନ,କୃଷ୍ଣ ଚନ୍ଦ୍ର ଗୌଡ, ଚନ୍ଦ୍ରଭାନୁ ନାୟକ, ପାଣ୍ଡବ ପାତ୍ର,ଟି.ତାରିଣୀ ରାଓ, ସନ୍ତୋଷ କୁମାର ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ବଳରାମ ପ୍ରଧାନ, ଚିତ୍ତରଞ୍ଜନ ଦଳେଇ, ଜି.କମେୟା, ଚାନ୍ଦମାମା ବେହେରା, ଛବିରାଣୀ ମହାନ୍ତି, ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଶେଷରେ ଗୀତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାହ୍ମଣୀଗାଁରେ ସରକାରୀ ଜମିରେ ଭୂତ କରୁଛି କାମ !

**ବାସୁଦେବପୁର,୯ ।୬:** ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟ ସମସ୍ତ ବ୍ଲକରେ ଚାଲୁଅଛି। ସରକାର ଙ୍କ ଏହି ସୁନ୍ଦର କାର୍ଯ୍ୟ ମାଧ୍ୟମ ରେ ଓଡ଼ିଶାର ବିକାଶ ହେଉଛି। ସରକାର ଙ୍କ ପକ୍ଷରୁ ଯୋଜନା ହେଉଛି ହେଲେ ବ୍ଲକ ସ୍ତରରେ ତାହା ସଠିକ୍ ଭାବେ ପରିଚାଳନା ହେଉନଥିବାରୁ ଅନେକ ସ୍ଥାନରେ ବିବାହ ଦେଖିବାକୁ ମିଳୁଛି। ବ୍ଲକ ପକ୍ଷରୁ କାହାକୁ କାର୍ଯ୍ୟାଦେଶ ଦିଆଯାଇ ନଥିବା ବେଳେ ବିଭିନ୍ନ ସ୍ଥାନରେ ଦୁଇ ଦଳ ମଧ୍ୟରେ କାର୍ଯ୍ୟ କୁ ନେଇ ଚାଲିଛି ବିବାଦ। ଯେଉଁଠି କାର୍ଯ୍ୟ ହେଉଛି ସେଠାରେ ଦୁଇ ଦୁଇ ଟି ସୂଚନା ଫଳକ ଦେଖିବାକୁ ମିଳୁଛି। କାହାରିକୁ କାର୍ଯ୍ୟାଦେଶ ମିଳି ନ ଥିବା ସତ୍ତ୍ୱେ ଘଟଣାସ୍ଥଳରେ ଗଣ୍ଡଗୋଳ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଉକ୍ତ ଗଣ୍ଡଗୋଳ ର ସମାଧାନ ପାଇଁ ବ୍ଲକ ପକ୍ଷରୁ କୌଣସି ଅଧିକାରୀ ପହଞ୍ଚିବା ପରିବର୍ତ୍ତେ ପହଞ୍ଚୁଛି ପୋଲିସ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ପଞ୍ଚାୟତ ରେ। ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟ



ତରବରିଆ ଭାବରେ ରାତିଅଧିଆ କାମ ହେଉଥିବା ନଜରକୁ ଆସିଛି। ଏଠାରେ ପ୍ରଶ୍ନ ଉଠୁଛି ବିକଶିତ ଗାଁ ବିକଶିତ ଓଡିଶା ର କାର୍ଯ୍ୟ ବିଭାଗୀୟ ଅଧିକାରୀ ଙ୍କ ନାମରେ ଆସୁଥିବା ବେଳେ ଘଟଣାସ୍ଥଳରେ କୌଣସି ବିଭାଗୀୟ ଅଧିକାରୀ ମାନଙ୍କୁ ଦେଖିବାକୁ ମିଳୁ ନାହିଁ ! ଏପଟେ ଦୁଇଟି ଲେଖାଏଁ ସୂଚନା ଫଳକ ଲଗାଇ କାମ କରିବାକୁ ପିଟାମରା ଲାଗି ଦୁଇ ଦଳ ଥାନାକୁ ଯାଉଛନ୍ତି। ଅନ୍ୟ ପକ୍ଷରେ ବ୍ଲକ ଉନ୍ନୟନ ଅଧିକାରିଣୀ ତନ୍ମିତା କର ଙ୍କୁ ପ୍ରଶ୍ନ କଲେ ମୁଁ କାହାରିକୁ କାର୍ଯ୍ୟାଦେଶ ଦେଇନାହିଁ ବୋଲି କହୁଛନ୍ତି। ଯଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ ରୁ କାର୍ଯ୍ୟାଦେଶ କାହାରିକୁ ଦିଆଯାଇ ନାହିଁ ତାହେଲେ ସେ କାମ କିଏ କରୁଛି ଓ କେମିତି କରୁଛି ଯାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ! ବିଡ଼ିଓ ମ୍ୟାଡାମ କେମିତି ଜାଣି ପାରୁ ନାହାଁନ୍ତି କାର୍ଯ୍ୟାଦେଶ କାହାକୁ ଦିଆଯାଇଛି ନା ସବୁ ଜାଣିଶୁଣି ଲୁଚିଛି ନା ଗୋଡ଼ ଦିଇଟା ଦିଶୁଛି ନିତି ରେ ସରକାରଙ୍କୁ ବଦନାମ କରିବାର ମସୁଧା ସୃଷ୍ଟି କରୁଛନ୍ତି ! ଏମିତି ଦେଖିବାକୁ ଗଲେ ପ୍ରାୟ ସବୁ ପଞ୍ଚାୟତ ରେ କଳହ ଲଗାଇ ନିରବରେ ବସି ରହୁଛନ୍ତି ! ଖବର ପାଇ ଘଟଣାସ୍ଥଳରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ସମସ୍ତ ଦୃଶ୍ୟ ଦେଖିବା ପରେ ବିରୋଧ କରୁଥିବା ପକ୍ଷରୁ ପ୍ରୋଜେକ୍ଟ ବ୍ଲକ କୁ ଦିଆଯାଇଛି ଏବଂ ବିଭାଗୀୟ ଅଧିକାରୀ ଙ୍କ ନାମରେ କାର୍ଯ୍ୟାଦେଶ ଆସିଛି ବୋଲି ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ କାର୍ଯ୍ୟ କିଏ କରୁଛି ବୋଲି ପଚାରିବାରୁ ସେଠାରେ ଉପସ୍ଥିତ ଥିବା ସମସ୍ତ ଜନସାଧାରଣ ନିରବ ରହୁଛନ୍ତି। ଅନ୍ୟ ପଟରେ ସରପଞ୍ଚଙ୍କ ପ୍ରତିନିଧି ଙ୍କୁ ପଚାରିବାରୁ ଗାଁର ରଜ କମିଟି ର ପିଲାମାନେ ଠାକୁର ତିଆରି କରିବା ପାଇଁ ଗାଁ ରୁ ଚାନ୍ଦା ଆଦାୟ କରି ଘର କରୁଛନ୍ତି ବୋଲି କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି କି ସରକାରୀ ଜମି ରେ କାହା ନିର୍ଦ୍ଦେଶ ରେ ରାତି ଅଧରେ ନିର୍ମାଣ କାର୍ଯ୍ୟ କରାଯାଉଛି ? ବର୍ତ୍ତମାନ ସରକାର ସରକାରୀ ଜମି ଜବରଦଖଲ ଉଚ୍ଛେଦ କରୁଥିବା ବେଳେ ବ୍ରାହ୍ମଣୀଗାଁ ରେ ସରକାରୀ ଜମି ରେ ଘର ନିର୍ମାଣ କାର୍ଯ୍ୟ କାହା ଆଦେଶ ରେ ହେଉଛି ? ଏଥିପ୍ରତି ସରକାର ଙ୍କ ପକ୍ଷରୁ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ

**ବାଲେଶ୍ୱର,୯ ।୬:** ବାଲେଶ୍ୱର ସ୍ଥିତ ବିବେକାନନ୍ଦ ମାର୍ଗର ଆତିଥ୍ୟ ଭବନରେ ମଙ୍ଗଳବାର ଜିଲ୍ଲା ବିଜେପି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ବିଜେପି ସରକାର ଗଠନରେ ଦଳୀୟ କର୍ମୀମାନଙ୍କ ଅବଦାନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ପଞ୍ଚାୟତରେ ସରକାରଙ୍କ ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ଜନସମ୍ପର୍କ



କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଯୁବ ସମାବେଶ, ମହିଳା ସମାବେଶ, ବୁଦ୍ଧିଜୀବୀ ସମ୍ମିଳନୀ, ଉପଭୋକ୍ତା ସମ୍ମିଳନୀ, ସାମ୍ବାଦିକ ସମ୍ମିଳନୀ, ପ୍ରଦର୍ଶନୀ, ବୃକ୍ଷରୋପଣ ଏବଂ କୃଷି ସମ୍ପର୍କିତ କର୍ମଶାଳା ଆଦି କାର୍ଯ୍ୟକ୍ରମ ଜିଲ୍ଲାବ୍ୟାପୀ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର, ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଇଂ. ରବୀନ୍ଦ୍ର କୁମାର ଜେନା, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ବିଜେପି ସମ୍ପାଦକ ରାଜେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ଡଃ ଅଣୁ ମାଧବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ଓ ମଣ୍ଡଳ ସ୍ତରର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ସଭାପତି ଓ ପ୍ରଭାରୀମାନେ ଉପସ୍ଥିତ ଥିଲେ।

# ବେଆଇନ ବସ୍ତି ଉଚ୍ଛେଦ

## ପ୍ରଶାସନ ଓ ବସ୍ତି ବାସିନ୍ଦା ମଧ୍ୟରେ କଥା କଟାକଟି

**ସୋରଡ଼ା,୯ ।୬ :** ସୋରଡା ସହର ଶଶି ଭୂଷଣ ଛକ ନିକଟରେ ରାସ୍ତାକଡ, ଋଷିକୂଲ୍ୟା ବ୍ରିଜ ତଳ ସାହି ଏବଂ ପ୍ରାଥମିକ ବିଦ୍ୟାଳୟ ପରିସରକୁ ଲାଗି ମେଦିରି ସାହି ଠାରେ ଦୀର୍ଘ ଦିନ ଧରି ଗଢି ଉଠିଥିବା ବସ୍ତି ଉଚ୍ଛେଦ ପ୍ରକ୍ରିୟା ଆଣି ଆରମ୍ଭ ହୋଇଛି। ପୂର୍ବାହ୍ନ ପ୍ରାୟ ୧୦ ଟା ବେଳେ ପ୍ରଶାସନ ତରଫରୁ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସୂଚନା ପ୍ରକାରେ ମୋଟ ୨୮ ଟି ଘର ଉଚ୍ଛେଦ ହେବାକୁ ଥିବା ବେଳେ ୧୬ ଟି ଘର ଜେସିବି ମେସିନ୍ ଦ୍ୱାରା ଉଚ୍ଛେଦ କରଯାଇଛି। ତେବେ ଏହି ପ୍ରକ୍ରିୟା ଆଜି ସମ୍ପୂର୍ଣ୍ଣ ହୋଇପାରିନଥିଲା।



ସାମାନ୍ୟ ଉତ୍ତେଜନା ଏବଂ ବସ୍ତି ବାସିନ୍ଦା ଙ୍କ ଅନୁରୋଧ କ୍ରମେ ୭ ଦିନ ମଧ୍ୟରେ ଘର ଖାଲି କରିବକୁ ମହଲତ ଦିଆଯାଇ ଥିବା ଜଣାପଡିଛି। ଭଞ୍ଜନଗର ଉପଜିଲ୍ଲାପାଳଙ୍କ ନୋଟିସ ପ୍ରକାରେ ଉଛେଦ ଦାୟିତ୍ୱରେ ଥିବା ସୋରଡା ଅତିରିକ୍ତ ତହସିଲଦାର ଦୀନବନ୍ଧୁ ପିଙ୍ଗୁଆ, ସୋରଡା ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ସୋରଡା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ସୋରଡା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଗୋକୁଳ ଚନ୍ଦ୍ର ନାୟକ, ସୋରଡା ଏନ୍ଏସି, ଅଗ୍ନିଶମ କେନ୍ଦ୍ର, ଏବଂ ପୋଲିସ୍ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥଲେ। ପ୍ରକାଶ ଥାଉକି, ସରକାରଙ୍କ ତରଫରୁ ଉକ୍ତ ବସ୍ତି ବାସିନ୍ଦାଙ୍କ ସକାଶେ ନୂଆଁ ସାହି ନିକଟରେ ସମସ୍ତ ସୁବିଧା ଅନ୍ତର୍ଭୁକ୍ତ ଆଦର୍ଶ କଲୋନୀ ନିର୍ମାଣ କରାଯାଇଥିଲେ ମଧ ବାରମ୍ବାର ନୋଟିସ୍ ଦିଆଯାଉଥିଲେ ମଧ ସେଠାକୁ ସ୍ଥାନାନ୍ତର ହେଉ ନ ଥିଲେ। ତେଣୁ ବାଧ ହୋଇ ପ୍ରଶାସନ ତରଫରୁ ଉଚ୍ଛେଦ ଭଳି ପଦକ୍ଷେପ ନିଆଯାଇଛି ।ଉଚ୍ଛେଦ ହେବାକୁ ଥିବା ଘରଗୁଡିକ ୭ ଦିନ ମଧ୍ୟରେ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଗାନ୍ଧୀ ଜୀଙ୍କ ସ୍ମୃତିରେ ବୈଠକ ଅନୁଷ୍ଠିତ

**ବସ୍ତା,୯ ।୬:** ଗାନ୍ଧୀଜୀଙ୍କ ଅଗମନୀ ଦିବସରେ ଅମର୍ଦାରୋଡ ନଟାକଟା ପଞ୍ଚାୟତ ସ୍ଥିତ ୟୁନାଇଟେଡ କାଲଚୁରାଲ ଏଣ୍ଡ ସ୍ପୋର୍ଟସ ଆସୋସିଏସନର କାର୍ଯ୍ୟାଳୟରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ପ୍ରକାଶ ଥାଉ କି ଯେ,୧୯୩୪ ମସିହା ଜୁନ ୭ ତାରିଖ ଦିନ ଗାନ୍ଧୀଜି ଙ୍କ ପଦଯାତ୍ରା ଭଦ୍ରକ ଠାରେ ସମାପ୍ତ ହୋଇଥିଲା ।ଜୁନ ୮ ତାରିଖରେ ରେଳ ଯୋଗେ ଭଦ୍ରକରୁ ଖଡ଼ଗପୁର ଦେଇ ଓ୍ୱାର୍ଦ୍ଧା ଅଭିମୁଖେ ଯାତ୍ରା ଅବସରରେ ସିମୁଳିଆ (ମାର୍କୋଣା),ସୋର,ବାଲେଶ୍ୱର,ହଳଦି ପଦା,ଅମର୍ଦାରୋଡ,ଜଳେ ଶ୍ୱର ଏବଂ ଖଡ଼ଗପୁର କିଛି ସମୟ ରହି ଅଗ ଣିତ ଜନସାଧାରଣ ଙ୍କୁ ଦେଶପ୍ରେମର ଉଦବୁଦ୍ଧ କରିବା ସଙ୍ଗେ ସଙ୍ଗେ ଦେଶର ସ୍ୱାଧୀ ନତା ପାଇଁ ପାଣ୍ଠି ସଂଗ୍ରହ କହିଥିଲେ। ଏହି ସମୟରେ ହଳଦିପଦା ଠାରୁ ଅମର୍ଦାରୋଡ ପର୍ଯ୍ୟନ୍ତ ୩୭ ଟଙ୍କା ସଂଗୃହିତ ହୋଇ ମହାତ୍ମା ଗାନ୍ଧୀ ଜୀଙ୍କୁ ପ୍ରଦାନ କରାଯାଇଥିଲା ।ଜାତିର ଜନକ ମହାତ୍ମା ଗାନ୍ଧୀ (ବାପୁଜୀ) ଅମର୍ଦାରୋଡରେ ରହଣୀ ଅଞ୍ଚଳର ଅଧିବାସୀ ମାନଙ୍କ ପାଇଁ ଏକାନ୍ତ ଭାବରେ ଗର୍ବ ଏବଂ ଗୌରବର ବିଷୟ ବୋଲି ମନେ କରାଯାଏ । ଏହି ଦିବସଟି କୁ ଅଧିକ ସ୍ମରଣୀୟ କରିବା ପାଇଁ ୮/୬/୨୦୨୬ ରିଖ ସୋମବାର ସଂଧ୍ୟା ୭ ଘଟିକା ସମୟରେ ଆସୋସିଏସନର ବରିଷ୍ଠ ସଦସ୍ୟ ରାଜକିଶୋର ମହାନ୍ତିଙ୍କ ଆହ୍ୱାନ କ୍ରମେ ଅମର୍ଦାରୋଡ ସ୍ଥିତ ୟୁନାଇ



ଟେଡ କଲ୍ଚରାଲ ଏଣ୍ଡ ସ୍ପୋର୍ଟସ ଆସୋସିଏସନର କାର୍ଯ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ସାଫଲ୍ୟ କୁମାର ନନ୍ଦିଙ୍କ ପୌରହିତ ସଭାକାର୍ଯ୍ୟ ପରିଚାଳନା କରାଯାଇ ଥିଲା। ପ୍ରାରମ୍ଭରେ ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟା ର୍ପଣ ଏବଂ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ ଅଞ୍ଚଳର ବରିଷ୍ଠ ନାଗରିକ ପ୍ରସନ୍ନ କୁମାର ମିଶ୍ର ଏବଂ ଉପସ୍ଥିତ ଥିବା ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ପରେ ପରେ ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ତେନେ କହିଯେ ଯେ ଆବୃତ୍ତି କରାଯାଇଥିଲା। ସମ୍ପାଦକ ଉମେଶ ଚନ୍ଦ୍ର ପ୍ରଧାନ ଉଦବୋଧନୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଜଳେ ଶ୍ୱର ପୂର୍ବତନ ବିଧାୟକ ଦେବୀ ପ୍ରସନ ଚାନ୍ଦ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କର ପଦଯାତ୍ରା,ଇତିହାସରେ ଅମର୍ଦାରୋଡକୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଯେଉଁଥି ପାଇଁ ଏ ମାଟି ଧନ୍ୟ ହୋଇଯାଇ ଛି ।ଯାହା ଉତ୍ତର ପିଢ଼ି ଙ୍କ ନିମନ୍ତେ ପ୍ରେରଣା ହେବେ ଏଥିରେ ସନ୍ଦେହ ନାହିଁ ବୋଲି ମତବ୍ୟକ୍ତ କରିଥିଲେ ।ଅବସର ପ୍ରାପ୍ତ ବରିଷ୍ଠ ଅଧାପକ ଡ:ପ୍ରଦୀପ କୁମାର ନାୟକ ଗାନ୍ଧୀ ଜୀଙ୍କ ରହଣି ଏ ଅଞ୍ଚଳକୁ ଗୌରାବାନିତ କରିଛି ଏବଂ ଏହା ସବୁଦିନ ପାଇଁ ଏକ ସ୍ମାରକୀ ଭାବେ ଜନମାନସରେ ନୂତନ ଆଶାର ସଞ୍ଚାର କରିବ ବୋଲି ମତବ୍ୟକ୍ତ କରିଥିଲେ ।ଆବାହକ ରାଜ କିଶୋର ମହାନ୍ତି ଓଡ଼ିଶାରେ ଗାନ୍ଧୀ ଜି ଙ୍କ ହରିଜନ ପଦଯାତ୍ରାର ବିଶେଷ ଭାବରେ ବିବରଣୀ ପ୍ରଦାନ କରିଥିବା ବେଳେ କାମିଟିର ଉପସଭାପତି ଶୈଳେନ୍ଦ୍ର ମହାନ୍ତି,ସଦସ୍ୟ ତପନ କୁମାର ମିଶ୍ର,ରାମ ଚନ୍ଦ୍ର ଭୂୟାଁ, ଇନ୍ଦ୍ରଜିତ ଘୋଷ, ଅଚ୍ୟୁତା ନନ୍ଦ ଗିରି,ହରେଶ ଚନ୍ଦ୍ର ପ୍ରଧାନ, ଦିଲିପ କୁମାର ସାହୁ,ପ୍ରବୋଧ କୁମାର ଦାସ, ଭୁବନ କୁମାର ରଣା,ଲକ୍ଷ୍ମଣ ଚନ୍ଦ୍ର ପାତ୍ର, ମାନସ କୁମାର ରାଉଳ,ସପନ କୁମାର ଦାସ, ଅଜୟ କୁମାର ମହାପାତ୍ର,ପ୍ରୁଥୁନାଥ ମଣ୍ଡଳ, ଗୋପି କୃଷ୍ଣ ଦାସ,ବିନୋଦ କୁମାର ଦାସ, ତ୍ରିଲୋଚନ ଶୂର ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟ ଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ଥିଲେ ।ଉକ୍ତ ସଭାରେ ଏହି ଅଞ୍ଚଳର ଜଣେ ଅବସର ପ୍ରାପ୍ତ ରେଳବାଇ କର୍ମଚାରୀ ତଥା ଆଧ୍ୟାତ୍ମିକ ବାଦୀ ବ୍ୟକ୍ତି ସ୍ୱର୍ଗତ ପଞ୍ଚାନନ ଦେ ଙ୍କ ସ୍ମୃତିରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋଟପାଡ,୯ ।୬:** କୋରାପୁଟ ଜିଲ୍ଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନିଆ ନାୟକଙ୍କ ଯୋଗଦାନ,ସେ ଏଥି ପୂର୍ବରୁ କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ସହକାରୀ ଜିଲ୍ଲାପାଳ ଭାବରେ କାର୍ଯ୍ୟରତ ଥିଲେ,ଶ୍ରୀ କମଲେଶ ମହାନ୍ତ ଯିବା ପରେ ଶ୍ରୀ ସନିଆ ନାୟକ କୋଟପାଡ଼ ଏନ.ଏ.ସି ଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବରେ ଯୋଗଦାନ କରିଛନ୍ତି, ଆଜି ଏହି ପରିପେକ୍ଷୀରେ କୋଟପାଡ଼ ଭାରତ ମିଡ଼ିଆ ଆସସେସିୟନ ସଙ୍ଘ ତରଫରୁ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା, ଆଜିର ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସଙ୍ଘର ସଭାପତି ଅଜୟ କୁମାର ମିଶ୍ର,ଉପସଭାପତି ସୁନୀଲ କୁମାର ଦାସ,ସମ୍ପାଦକ ବୀର କିଶୋର ଶର୍ମା, କୋଷାଦକ୍ଷ ସୁଧୀର ବରାଳ,ବିଜୟ କୁମାର ମିଶ୍ର,ଲଳିତେନ୍ଦୁ ରଥ, ତୁଳାରାମ ପୂଜାରୀ,ସୁଶାନ୍ତ କୁମାର ଦାସ,ଅଶ୍ୱିନୀ ପଟ୍ଟନାୟକଙ୍କ ସହ ବଡ଼ବାବୁ ଗୋପୀ ମାଝୀ ଏବଂ ସଙ୍ଘର ସମସ୍ତ ମିଡ଼ିଆ ବନ୍ଧମାନେ ଉପସ୍ଥିତ ଥିଲେ।




# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର




**ବାସୁଦେବପୁର,୯ ।୬:** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଜୁନ ୪ ତାରିଖ ଗୁରୁବାର ଦିନ ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବ୍ଲକ ଉନ୍ନୟନ ଅଧିକାରିଣୀ ତନ୍ମିତା କର, ଜିଲ୍ଲା ସମୀକ୍ଷକ ସତ୍ୟଜିତ୍ ପୃଷ୍ଟି ଓ ବ୍ଲକ ସମୀକ୍ଷକ ଜନଜୀବନ ନାୟକ ବ୍ଲକ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଉର୍ମିଳା କର, ଅମୀୟ କୁମାର ମହାଳିକ ପ୍ରମୁଖ ମଞ୍ଚାସୀନ ହୋଇ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ମୋଟ ୭୮ ବିଦ୍ୟାଳୟ ର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ସମଗ୍ର ଶିକ୍ଷା ଯୋଜନା ର ସିଏସଏ କର୍ମଚାରୀମାନେ ଉପସ୍ଥିତ ରହି ବିଦ୍ୟାଳୟ ସ୍ତରରେ ବିଭିନ୍ନ ସମସ୍ୟା ବିଷୟରେ ସମୀକ୍ଷା କରିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ସହିତ ଔଷଧ ବିତରଣ, ଶୁଦ୍ଧ ପାନୀୟ ଜଳ, ପାଇଖାନା ପରିସ୍କାର ସହିତ ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା। ଏଥିସହିତ ବିଦ୍ୟାଳୟ ର ଭିତ୍ତିଭୂମି ର ବିକାଶ ବିଷୟରେ ବିଡ଼ିଓ ତନ୍ମିତା କର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ପଚାରି ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରମ୍ବାର ସୂଚନା ଦେବା ପରେ ଯେଉଁ ପ୍ରଧାନ ଶିକ୍ଷକ ମାନେ ଅନୁପସ୍ଥିତ ଥିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଯେଉଁ ବିଦ୍ୟାଳୟ ରେ ଭିତ୍ତିଭୂମି ର ବିକାଶ ବାକି ରହିଛି ତାହା ଆଗାମୀ ଆର୍ଥିକ ବର୍ଷରେ ଶେଷ ହେବାକୁ ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପୌରପାଳିକା ରେ ଥିବା ବିଦ୍ୟାଳୟ ମାନଙ୍କରେ ମଧ୍ୟାହ୍ନ ଭୋଜନ ଯୋଗାଣ ବ୍ୟବସ୍ଥା ରେ ଥିବା ଏନଜିଓ ସଂସ୍ଥା ପକ୍ଷରୁ ଯୋଗା ଯାଉଥିବା ମଧ୍ୟାହ୍ନ ଭୋଜନ ଭଦ୍ରକ ରୁ ଆସି ବାସୁଦେବପୁର ପୌରପାଳିକା ରେ ପହଞ୍ଚିବା ର ବିଳମ୍ବ ଯୋଗୁଁ ଖାଦ୍ୟ ଖରାପ ହେଉଥିବା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟ ରେ ସକାଳ ୧୦ ଟା ପୂର୍ବରୁ ପହଞ୍ଚିବେ ଏବଂ ଅପରାହ୍ନ ୪ ପରେ ବିଦ୍ୟାଳୟ ରୁ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କୌଣସି ଶିକ୍ଷକ ଓ ଶିକ୍ଷୟିତ୍ରୀ ଅବମାନନା କଲେ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୂଚନା ଦେଇଛନ୍ତି। ଏହାର କୌଣସି ବ୍ୟତିକ୍ରମ ଦେଖିଲେ ତୁରନ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଙ୍କ ନଜରକୁ ଆଣିବା ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଶିଳାନ୍ୟାସ

**ବାଲେଶ୍ୱର,୯ ।୬ :** ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଆଧୁନିକ ଓ ଶିଶୁ-ଅନୁକୂଳ କରିବା ଲକ୍ଷ୍ୟରେ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା"ର ଦ୍ୱିତୀୟ ପର୍ଯ୍ୟାୟର ଶୁଭ ଶିଳାନ୍ୟାସ ସୋମବାର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କରାଯାଇଛି। ଖୋର୍ଦ୍ଧା ଜିଲ୍ଲାର କୁମାରବସ୍ତସ୍ଥିତ ଶ୍ରୀ ଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ସଂଯୋଗ ସ୍ଥାପନ କରି ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ୨୦୪ଟି ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ ।ବାଲେଶ୍ୱର ଜିଲ୍ଲାର ଗେଙ୍ଗୁଟି ଉପ୍ରା ବିଦ୍ୟାଳୟରେ ଏହି ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ ଓ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ସମୟରେ ଗେଙ୍ଗୁଟି ଉପ୍ରା ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଆୟୁଷ କୁମାର ଘୋଡ଼ାଙ୍କ ସହ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କଥାବାର୍ତ୍ତା ହୋଇଥିଲେ। ବାଲେଶ୍ୱର ଜିଲ୍ଲାର ମୋଟ ୧୨ଟି ବିଦ୍ୟାଳୟ ଏହି ପର୍ଯ୍ୟାୟରେ ସାମିଲ ହୋଇଥିବା ବେଳେ ସେଗୁଡ଼ିକର ଶିଳାନ୍ୟାସ ମଧ କରାଯାଇଛି ।ଏହି ଯୋଜନା ଅଧୀନରେ ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶ୍ରେଣୀଗୃହ, ସ୍ମାର୍ଟ ଶିକ୍ଷଣ ବ୍ୟବସ୍ଥା, ପୁସ୍ତକାଳୟ, କ୍ରୀଡ଼ା ସୁବିଧା, ସୁରକ୍ଷିତ ପାନୀୟ ଜଳ ଓ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଉପଲବ୍ଧ କରାଯିବା ସହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଆମ ଗାଁ ରେ ଆମ ତହସିଲ କାର୍ଯ୍ୟକ୍ରମର ଶୁଭାରମ୍ଭ

**ବାସୁଦେବପୁର,୯ ।୬:** ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅଭିନବ ପ୍ରୟାସ ଗାଁ ରେ ତହସିଲଦାର ପହଞ୍ଚି ସାଧାରଣ ଲୋକଙ୍କ ବିଭିନ୍ନ ରାଜସ୍ୱ ସମସ୍ୟା ର କରିବେ ସମାଧାନ। ଜମି ସଙ୍କ୍ରାନ୍ତୀୟ ସମସ୍ତ ସମସ୍ୟାର ଆଶୁ ସମାଧାନ କରିବାକୁ ରାଜ୍ୟ ର ସମସ୍ତ ତହସିଲଦାର ଙ୍କୁ ରହିଛି ନିର୍ଦ୍ଦେଶ। ଏହି କ୍ରମରେ ଜୁନ ତିନି ତାରିଖରେ ଭଦ୍ରକ ରେ ଆମ ଗାଁ ରେ ଆମ ତହସିଲ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଜୁନ ୪ ତାରିଖ ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମରେ ପ୍ରଥମ କରି ଆମ ଗାଁ ରେ ଆମ ତହସିଲ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ଚୁଡ଼ାମଣି ଆର ଆଇ ଦେବାଶିଷ ରାୟ ଉପସ୍ଥିତ ରହି ତେନ୍ତୁଳିଆ ଗ୍ରାମର ଜନ ସାଧାରଣ ଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଜନ ପ୍ରତିନିଧି ଭାବରେ ୮ ନମ୍ବର ଓ୍ୱାର୍ଡ଼ ର କାଉନସିଲର ଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ମଲ୍ଲିକ୍ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଏହି କ୍ରମରେ ପ୍ରତ୍ୟେକ ସପ୍ତାହରେ ଦୁଇ ଦିନ ଗାଁ କୁ ଯିବେ ତହସିଲଦାର ଏବଂ ଆରଆଇ ସାଧାରଣ ଲୋକଙ୍କ ରାଜସ୍ୱ ସମ୍ପର୍କିତ ସମସ୍ତ ସମସ୍ୟା ର ସମାଧାନ କରିବେ। ଯେପରି କି ୨ ଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ, ୨ ଖାନା ସଂଶୋଧିତ ନୂତନ ପଟ୍ଟା ବଣ୍ଟନ, ବସୁନ୍ଧରା ଦରଖାସ୍ତ ଗ୍ରହଣ, ରାଜସ୍ୱ ମାମଲା ର ଅଭିଯୋଗ ଗ୍ରହଣ ଓ ଶୁଣାଣି କରାଯାଇ ଆବଶ୍ୟକସ୍ଥଳେ ତୁରନ୍ତ ସମାଧାନ କରାଯାଇଥିଲା। ଏହି ପରି ମହତ୍ ଉଦ୍ଦେଶ୍ୟ ରଖିଛନ୍ତି ରାଜ୍ୟ ସରକାର। ସାଧାରଣ ଲୋକ ବାରମ୍ବାର ତହସିଲ ଯାଇ ନିରାଶ ହେବାକୁ ପଡିବ ନାହିଁ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati